**'ମହାନଦୀ ଆମର ଜୀବନଧାରା'**

ପାରାଦୀପ,(ସ୍ୱ.ପ୍ର.): ପାରାଦୀପରେ ଜିଲା ପ୍ରଶାସନ ପକ୍ଷରୁ ଚାଲିଥିବା ନଦୀ ମହୋତ୍ସବର ୨ୟ କାର୍ଯ୍ୟକ୍ରମ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ସମରଶିକ୍ଷାର୍ଥୀ ବାହିନୀର ଛାତ୍ରୀଛାତ୍ର ଓ ଅନ୍ୟ ସ୍କୁଲ ପିଲାମାନେ ସାମିଲହୋଇ ଯୋଗ ଓ ଧ୍ୟାନ କରିଥିଲେ। ପରେ ସମୁଦ୍ର ବେଳାଭୂମି ସଫା କରିଥିଲେ। ଏହି ଅବସରରେ ଏକ ସଭା ଆୟୋଜନ କରାଯାଇଥିଲା। ଏଥିରେ ମୁଖ୍ୟ ଅତିଥିଭାବେ ଜଗତ୍‌ସିଂହପୁର ଅତିରିକ୍ତ ଜିଲାପାଳ ସଚ୍ଚିଦାନନ୍ଦ ସାହୁ ଯୋଗଦେଇ ମହାନଦୀ ଆମର ଜୀବନଧାରା ବୋଲି କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପାରାଦୀପ ପୌର ନିର୍ବାହୀ ଅଧିକାରୀ ସୌରୀନ୍ଦ୍ର କୁମାର ରାଉତରାୟ ଓ ଅନ୍ୟ ଅଧିକାରୀମାନେ ଉପସ୍ଥିତ ଥିଲେ।

# ବିଗୁଡୁଛି ଗହୀରମଥା ପରିବେଶ

- ବନ୍ଦ ହେଉନାହିଁ ହୁଇଲର ଦ୍ୱୀପରୁ ମିସାଇଲ ପରୀକ୍ଷା
- ଆଲୋକ, ଧୂଆଁରେ ଅଲିଭ ରିଡଲେ ପ୍ରଭାବିତ
- ଇକୋ ରିଟ୍ରିଟ ପାଇଁ ପରିବେଶ ଦୂଷିତ ଆଶଙ୍କା

କେନ୍ଦ୍ରାପଡ଼ା ଅଫିସ, ୧୭।୧୨

ପ୍ରତିରକ୍ଷା ବିଭାଗ ପାଇଁ ସୁପର ସୋନିକ କ୍ଷେପଣାସ୍ତ୍ର ସହାୟକ ଟର୍ପେଡୋ(ସ୍ମାର୍ଟ) ସିଷ୍ଟମର ସଫଳ ପରୀକ୍ଷଣ ଗତ ୧୩ ତାରିଖରେ ହୁଇଲର ଦ୍ୱୀପରୁ କରାଯାଇଛି। ଡିସେମ୍ବରରେ ଏହି ପରୀକ୍ଷା ବ୍ୟତୀତ ଦି' ଡିଫେନସ୍ ରିସର୍ଚ୍ଚ ଆଣ୍ଡ ଡେଭଲପମେଣ୍ଟ ଅର୍ଗାନାଇଜେଶନ (ଡିଆରଡିଓ) ପକ୍ଷରୁ ଦୁଇମାସ ମଧ୍ୟରେ ଏଠାରେ ଲଗାତାର ମିସାଇଲ ପରୀକ୍ଷଣ ଜାରି ରହିଛି। ଏହି ପରୀକ୍ଷଣ ଜାତୀୟ ଉଦ୍ୟାନ ଭିତରକନିକା ନିକଟ ହୁଇଲର ଦ୍ୱୀପ (ଡ. ଅବଦୁଲ କାଲାମ ଦ୍ୱୀପ)ରେ ମଧ୍ୟ କରାଯାଉଛି। ଏହି ମିସାଇଲ ପରୀକ୍ଷଣ ସମୟରେ ଉତ୍ପନ୍ନ ଆଲୋକ ଓ ଧୂଆଁର ପ୍ରଭାବ ସିଧାସଳଖ ଜାତୀୟ ଉଦ୍ୟାନ ମଧ୍ୟରେ ଥିବା ବିରଳ ଅଲିଭ ରିଡଲେଙ୍କ ଅନୁଡିଶାଳ ଭାବେ ପରିଚିତ ଗହୀରମଥା ଉପରେ ପଡୁଛି। ଫଳରେ ଚଳିତବର୍ଷ ଆସିଥିବା କଇଁଛଙ୍କ ଉପରେ ଏହା ପ୍ରଭାବ ପକାଇବ ବୋଲି ପରିବେଶବିତ୍‌ମାନେ ଆଶଙ୍କା ବ୍ୟକ୍ତ କରିଛନ୍ତି।

ଏ ସମ୍ପର୍କରେ ବନ୍ୟଜନ୍ତୁ ସୁରକ୍ଷା ସମିତି ସଭାପତି ବିଶ୍ୱଜିତ ମହାନ୍ତି କୁହନ୍ତି, ଜାତୀୟ ଉଦ୍ୟାନ ଭିତରକନିକାର ପରିବେଶ ଏବେ ବିଗିଡିବାରେ ଲାଗିଛି। ପ୍ରାକୃତିକ ବିପର୍ଯ୍ୟୟ ସହିତ ତାଳ ଦେଇ ମନୁଷ୍ୟକୃତ କ୍ଷତି ବଢ଼ିଚାଲିଛି। ଗତ ୧୫ ତାରିଖରେ ଇକୋ ରିଟ୍ରିଟ ପେଣ୍ଠ ବେଳାଭୂମିରେ ଆରମ୍ଭ ହୋଇଛି। ଶିବିର ଶେଷରେ କୁଢ଼କୁଢ଼ ପଲିଥିନ ଗଦା ହେବା ସ୍ୱାଭାବିକ। ଏହି ପଲିଥିନ ଅଲିଭ ରିଡଲେଙ୍କ ପାଇଁ ବିପଦ ସାଜୁଥିବା ବେଳେ ଏବେ ନିକଟସ୍ଥ ହୁଇଲର ଦ୍ୱୀପରୁ ଲାଗାତର ମିସାଇଲ ଟେଷ୍ଟିଂ ହେଉଛି। ପ୍ରତିବର୍ଷ ଏହି ସମୟରେ ଲକ୍ଷାଧିକ ଅଲିଭ ରିଡଲେ କଇଁଛଙ୍କ ଆଗମନ ଗହୀରମଥାକୁ ହୋଇଥାଏ। ଏଥିପାଇଁ ଏହି ଅଞ୍ଚଳରେ ନଭେମ୍ବର ପହିଲାରୁ ମେ ୩୧ ଯାଏ ମତ୍ସ୍ୟଜୀବୀଙ୍କ ପାଇଁ କଟକଣା ରହିଥାଏ। ତେବେ ମିସାଇଲ ପରୀକ୍ଷଣ ଏହି ବିରଳ ସାମୁଦ୍ରିକ ଜୀବଙ୍କୁ ପଥଭ୍ରଷ୍ଟ କରିବ। ସେ କହିଛନ୍ତି , ଅଲିଭ ରିଡଲେଙ୍କ ପ୍ରଜନନ ସମୟରେ ଟେଷ୍ଟ ଫାଇରିଂ ନ କରିବାକୁ ତତ୍କାଳୀନ ଡିଆରଡିଓ ମୁଖ୍ୟ ଡ. ଅବଦୁଲ



କାଲାମଙ୍କୁ ପରିବେଶବିତ୍ ବାଙ୍କ ବିହାରୀ ଦାସ ଅନୁରୋଧ କରିଥିଲେ। ଏଥିସହ ହୁଇଲର ଦ୍ୱୀପର ଆଲୋକ କଇଁଛଙ୍କୁ ଦିଗଭ୍ରଷ୍ଟ କରୁଥିବା ତଥ୍ୟ ତାଙ୍କ ସମ୍ମୁଖରେ ରଖିଥିଲେ। ଏ ନେଇ ଆଲୋଚନା ପରେ କଇଁଛଙ୍କ ଆଗମନଠାରୁ ଶାବକଙ୍କ ପ୍ରସ୍ଥାନ ପର୍ଯ୍ୟନ୍ତ ସାମରିକ କର୍ତ୍ତୃପକ୍ଷ ସୁରକ୍ଷା ପ୍ରଦାନ ପାଇଁ ମିସାଇଲ ପରୀକ୍ଷଣ କରାଯିବ ନାହିଁ ବୋଲି ଡ. କାଲାମ ଆଶ୍ୱାସନା ଦେଇଥିଲେ। ତେବେ ତାଙ୍କ ମୃତ୍ୟୁ ପରେ ମିସାଇଲ ଟେଷ୍ଟ ଫାଇରିଂ ଜାରି ରହିଛି। ସାମୁଦ୍ରିକ ଜୀବ ଓ ଅଲିଭରିଡଲେ କଇଁଛ ସୁରକ୍ଷା ସମିତି ସଭାପତି ହେମନ୍ତ କୁମାର ରାଉତ କହିଛନ୍ତି, ପ୍ରାକୃତିକ ବିପର୍ଯ୍ୟୟ ଭିତରକନିକାର ପରିବେଶକୁ ବିଗାଡି ଦେଇଛି। ସାମୁଦ୍ରିକ ଝଡ ଓ ଉଚ୍ଚ ଜୁଆର ସ୍ଥାନୀୟ ସାମୁଦ୍ରିକ ଅଞ୍ଚଳକୁ ନଷ୍ଟ କରୁଛି। ତଟକ୍ଷୟ ଯୋଗୁ ଅଲିଭ ରିଡଲେଙ୍କ ଅନ୍ତୁଡିଶାଳ ସଙ୍କୁଚିତ ହୋଇଛି। ତଟକ୍ଷୟ ସହ ହୁଇଲର ଦ୍ୱୀପରୁ ଲଗାତର ମିସାଇଲ ପରୀକ୍ଷା କଇଁଛଙ୍କ ଆଗମନ ଉପରେ ପ୍ରଭାବ ପକାଇବ। ପରିବେଶବିତ୍ ଜଗନ୍ନାଥ ଦାସ କହିଛନ୍ତି, ତଟ ଅଞ୍ଚଳରେ ଚିଙ୍ଗୁଡ଼ି ଘେରି ପରିବେଶକୁ ନଷ୍ଟ କରୁଥିବା ବେଳେ କ୍ଷେପଣାସ୍ତ୍ର ପରୀକ୍ଷା ଏହି ବିରଳ ଜୀବଙ୍କ ସୁରକ୍ଷା ପ୍ରତି ଶୁଭଙ୍କର ନୁହେଁ। ଏ ନେଇ ବନ ବିଭାଗ ଓ ଡିଆରଡିଓ କର୍ତ୍ତୃପକ୍ଷଙ୍କ ମଧ୍ୟରେ ଆଲୋଚନା ହେବା ଜରୁରୀ। ଏ ସଂକ୍ରାନ୍ତରେ ଗହୀରମଥା ରେଞ୍ଜ ଅଧିକାରୀ ଦେବାଶିଷ ଭୋଇଙ୍କୁ ପଚାରିବାରେ ଅଲିଭରିଡେଲ କଇଁଛଙ୍କ ଆଗମନ ସମ୍ପର୍କରେ ଡିଆରଡିଓକୁ ଚିଠି ଦ୍ୱାରା ସୂଚନା ଦିଆଯାଇଛି। ଖୁବ୍‌ଶୀଘ୍ର ଏ ନେଇ ଉଚ୍ଚ କର୍ତ୍ତୃପକ୍ଷଙ୍କ ସହ ଅଧିକ ଆଲୋଚନା ହେବ ବୋଲି ସେ କହିଛନ୍ତି।

## ସଂକ୍ଷେପରେ

### ବ୍ଲକସ୍ତରୀୟ ନିଯୁକ୍ତି, ପରାମର୍ଶ କର୍ମଶାଳା

ବିରିଡି,୧୭।୧୨(ଡି.ଏନ.ଏ.): ଦୀନଦୟାଲ ଉପାଧ୍ୟାୟ ଗ୍ରାମୀଣ କୌଶଳ ଯୋଜନାରେ ଶୁକ୍ରବାର ନିଯୁକ୍ତି ଓ ପରାମର୍ଶ କର୍ମଶାଳା ବିରିଡି ବ୍ଲକ ପରିସରରେ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ବିଡିଓ ହେମନ୍ତ କୁମାର ମହାନ୍ତି ଏହାକୁ ଉଦ୍‌ଘାଟନ କରିଥିଲେ। କାର୍ଯ୍ୟକ୍ରମରେ ଏବିଡିଓ ସନ୍ତୋଷ କୁମାର ଶତପଥୀ, ବ୍ଲକ ଦକ୍ଷତା ସଂଯୋଜକ ପ୍ରମୋଦ କୁମାର ସିଂହ, ଜିଲା ଦକ୍ଷତା ସଂଯୋଜକ ପବିତ୍ର କୁମାର ସ୍ୱାଇଁ, ବ୍ଲକ ଜୀବିକା ସଂଯୋଜକ ସସ୍ମିତା ବେହେରା ଓ ସସ୍ମିତା ବରାଳ ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ୧୮ ରୁ ୩୫ ବର୍ଷ ବୟସର ୯୪ ଜଣ ବେରୋଜଗାରୀ ଯୁବତୀଯୁବକ ବିଭିନ୍ନ ତାଲିମ ନେବାକୁ ସେମାନଙ୍କର ନାମ ପଞ୍ଜୀକରଣ କରିଥିଲେ। କାର୍ଯ୍ୟକ୍ରମରେ ୯ ତାଲିମ ଓ ନିଯୁକ୍ତି ପ୍ରଦାନକାରୀ ସଂସ୍ଥା ଯୋଗଦେଇଥିଲେ।

### ପଟ୍ଟାମୁଣ୍ଡାଇ-ରାଜନଗର ବିକାଶ ପାଇଁ ୫୭୨ କୋଟି ମଞ୍ଜୁର

ପଟ୍ଟାମୁଣ୍ଡାଇ,୧୭।୧୨ (ସ୍ୱ.ପ୍ର.): ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ପଟ୍ଟାମୁଣ୍ଡାଇ ଓ ରାଜନଗର ବ୍ଲକର ବିଭିନ୍ନ ପ୍ରକଳ୍ପ ପାଇଁ ୫୭୨ କୋଟି ଟଙ୍କା ମଞ୍ଜୁର କରି ବିକାଶର ନୂଆ ଫର୍ଦ୍ଦ ଯୋଡିଛନ୍ତି। ପଟ୍ଟାମୁଣ୍ଡାଇ ପୌରପରିଷଦ କଲ୍ୟାଣ ମଣ୍ଡପଠାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ରାଜନଗର ବିଧାୟକ ଧ୍ରୁବ ସାହୁ ଅଞ୍ଚଳବାସୀଙ୍କ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କୁ କୃତଜ୍ଞତା ଜଣାଇଛନ୍ତି। ବିଧାୟକ ସାହୁ କହିଲେ, ବିଶ୍ୱ ପ୍ରସିଦ୍ଧ ଭିତରକନିକାକୁ ବିଶ୍ୱ ମାନଚିତ୍ରରେ ସ୍ଥାନ ଦେବା ଓ ପର୍ଯ୍ୟଟନର ବିକାଶ ପାଇଁ କୋଟି କୋଟି ଟଙ୍କା ମଞ୍ଜୁର କରିଛନ୍ତି। ଏହି ଅର୍ଥରେ ପଟ୍ଟାମୁଣ୍ଡାଇ ଓ ରାଜନଗର ବ୍ଲକ ଅଞ୍ଚଳରେ ମେଗା ଜଳଯୋଗାଣ ପ୍ରକଳ୍ପ ନିର୍ମାଣ, ଘେରିବନ୍ଧ ଓ ରାସ୍ତାଘାଟ ଉନ୍ନତିକରଣ ଆଦି ବହୁବିଧ ପ୍ରକଳ୍ପ କରାଯାଇ ପାରିବ। ଏହି ସମ୍ମିଳନୀରେ ବ୍ଲକ ବିଜେଡି ସଭାପତି କିଶୋର ସାହୁ, ପୂର୍ବତନ ପୌରାଧ୍ୟକ୍ଷ ହେମନ୍ତ ସାହୁ, ଜିଲା ବିଜେଡି ସାଧାରଣ ସମ୍ପାଦକ ପ୍ରଦ୍ୟୁମ୍ନ ସାମନ୍ତରାୟ, ବ୍ଲକ ଯୁବ ବିଜେଡି ସଭାପତି ରଞ୍ଜନ ବିଶ୍ୱାଳ, ନଗର ଯୁବ ବିଜେଡି ସଭାପତି ମନୋଜ ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

### ଧନୁ ସଂକ୍ରାନ୍ତି ମେଳା

ବିରିଡି, ୧୭।୧୨(ଡି.ଏନ.ଏ.): ତ୍ରିନାଥ ଗାଦି ଉନ୍ନୟନ ପରିଷଦ ପକ୍ଷରୁ ଶଙ୍ଖାରିସାହିରେ ଧନୁ ସଂକ୍ରାନ୍ତି ମେଳା ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଧାନକୁଦ ପୀଠର ପୀଠାଧୀଶ ବାବା ଅରକ୍ଷିତ ଦାସ ଏଥିରେ ଯୋଗଦେଇ ମାଣବସା ପୂଜା ଓ ଧନୁ ସଂକ୍ରାନ୍ତି ଏକା ସଙ୍ଗେ ପଡୁଥିବାରୁ ଏହା ଆଧାତ୍ମିକ ଚେତନା ସୃଷ୍ଟି କରିବାରେ ସହାୟକ ହେବ ବୋଲି କହିଥିଲେ। କାର୍ଯ୍ୟକ୍ରମକୁ ତ୍ରିନାଥ ଗାଦି ଉନ୍ନୟନ ପରିଷଦର ସଭାପତି ଯୋଗେନ୍ଦ୍ର ଭୋଇ, ସମ୍ପାଦକ ଅକ୍ଷୟ ଭୋଇ ପରିଚାଳନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପତିତପାବନ ଜେନା, ଟିକିନା ଭୋଇ, ଗଗନ ଭୋଇ ପ୍ରମୁଖ ଉପସ୍ଥିତ ଥିଲେ।

### 'ପଞ୍ଚାୟତସ୍ତରୀୟ ଦଳୀୟ ସଙ୍ଗଠନର ରିପୋର୍ଟ ଦିଅ'

ତିର୍ତ୍ତୋଲ, ୧୭।୧୨ (ଡି.ଏନ.ଏ.): ତିର୍ତ୍ତୋଲ ନିର୍ବାଚନ ମଣ୍ଡଳୀସ୍ତରୀୟ ବିଜେଡି କାର୍ଯ୍ୟକାରିଣୀ ବୈଠକ ବ୍ଲକର କୁମାର ଉତ୍ସବ ପଡ଼ିଆରେ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ବହୁ ଦଳୀୟ କାର୍ଯ୍ୟକର୍ତ୍ତା ଯୋଗଦେଇଥିଲେ। ଜିଲା ପର୍ଯ୍ୟବେକ୍ଷକ ମନ୍ତ୍ରୀ ସମୀର ଦାଶ ଯୋଗଦେଇ ଆଗାମୀ ୭ ଦିନ ମଧ୍ୟରେ ସବୁ ପଞ୍ଚାୟତର ଦଳୀୟ ସଙ୍ଗଠନ ଉପରେ ରିପୋର୍ଟ ଦେବାକୁ ଜୋନ ସଭାପତିମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ବୈଠକରେ ତିର୍ତ୍ତୋଲ ବିଧାୟକ ବିଜୟ ଶଙ୍କର ଦାସ ସଭାପତିତ୍ୱ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପ୍ରିୟଦର୍ଶିନୀ ବିଶ୍ୱାଳ, ସବିତା ମହାପାତ୍ର, ସୁଜାତା ମହାନ୍ତି, ଗଙ୍ଗାଧର ବିଶ୍ୱାଳ ଓ ବସନ୍ତ ମହାପାତ୍ର ପ୍ରମୁଖ ଯୋଗଦେଇଥିଲେ।

### ଭାଜପା ଜିଲା କାର୍ଯ୍ୟକାରିଣୀ ବୈଠକ

ପାରାଦୀପ ୧୭।୧୨(ସ୍ୱ.ପ୍ର.): ପାରାଦୀପ ମଧୁବନଠାରେ ଶୁକ୍ରବାର ଭାଜପା ପକ୍ଷରୁ ଜିଲାସ୍ତରୀୟ କାର୍ଯ୍ୟକାରିଣୀ ବୈଠକ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ରାଜ୍ୟ ସଭାପତି ସମୀର ମହାନ୍ତି ଯୋଗଦେଇ କର୍ମୀଙ୍କୁ ସମ୍ବୋଧିତ କରିଥିଲେ। ରାଜ୍ୟ ସରକାରଙ୍କ ଦୁର୍ନୀତି ଓ ଅପରାଧ ସମ୍ପର୍କରେ ଲୋକଙ୍କୁ ଅବଗତ କରାଇବା ସହ କେନ୍ଦ୍ର ସରକାରଙ୍କ ସଫଳତା ବିଷୟରେ ସମସ୍ତଙ୍କୁ ଜଣାଇବାକୁ ସେ କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ରାଜ୍ୟ ପ୍ରବକ୍ତା ଠାକୁର ରଞ୍ଜିତ ମହାନ୍ତି, ପୂର୍ବତନ ଏମ୍‌ପି ବିଭୁପ୍ରସାଦ ତରାଇ, ସମ୍ପଦ ସ୍ୱାଇଁ ଓ ଜିଲା ସଭାପତି ସତ୍ୟବ୍ରତ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

## ଓଡ଼ିଆ ଶ୍ରମିକଙ୍କୁ ହାଇଦ୍ରାବାଦରେ ପିଟିପିଟି ମାରି ଦେଲେ

ରାଜନଗର, ୧୭।୧୨(ଡି.ଏନ.ଏ.)

ହାଇଦ୍ରାବାଦରେ ଦାଦନ ଖଟୁଥିବା ଓଡ଼ିଆ ଶ୍ରମିକଙ୍କୁ ୧୫ ତାରିଖ ରାତିରେ ନିର୍ମମ ଭାବରେ ଲୁହା ରଡରେ ପିଟିପିଟି ହତ୍ୟା କରାଯାଇଥିବା ନେଇ ସେଠିକାର ପୋଲିସ ନିକଟରେ ଅଭିଯୋଗ ହୋଇଛି। ରାଜନଗର ବ୍ଲକ ଭିତରଗଡ ପଞ୍ଚାୟତ ଚାରିପୋଖରିଆ ଗାଁର ବ୍ରହ୍ମାନନ୍ଦ ବାରିକଙ୍କ ବଡପୁଅ ଅମର (୩୩) ୧୨ ବର୍ଷ ହେଲା ହାଇଦ୍ରାବଦର ସାଇବେରାବାଦ ଅଞ୍ଚଳରେ ରହି ରଡବାଇଡିଂ କାମ କରୁଥିଲେ। ୧୫ ତାରିଖରେ ହାଇଟେକ ସିଟି ଅଞ୍ଚଳରେ କେତେଜଣ ଯୁବକ ଅମରଙ୍କୁ ଚୋରି ସନ୍ଦେହରେ ମାଡ ମାରିଥିଲେ। ରାତି ୨ଟାରେ ଅମରଙ୍କ ବାପାଙ୍କ ପାଖକୁ ଫୋନ ଯୋଗେ ତମ ପୁଅ ଚୋରି କରିଛି, ଲକ୍ଷେ ଟଙ୍କା ଆଣ, ତୁମ ପୁଅକୁ ନିଅ ବୋଲି କେହି ଜଣେ କହିଥିଲେ। ପରେ ଫୋନ କଟି ଯାଇଥିଲା। ଅମରଙ୍କ ବାପା ଫୋନ ଆସିଥିବା ନମ୍ବରକୁ ଯୋଗାଯୋଗ କରିଥିଲେ ମଧ୍ୟ ସୁଇଚ ଅଫ୍ ହୋଇଯାଇଥିଲା। ପରେ ଅମରଙ୍କ ବାପା ହାଇଦ୍ରାବାଦରେ ପୁଅ ପାଖରେ ରହୁଥିବା ବୋହୂଙ୍କୁ ସେଠାରୁ ଆସିଥିବା ବେନାମୀ କଲ ସମ୍ପର୍କରେ କହିଥିଲେ। ୧୬ ତାରିଖ ସକାଳେ ଅମରଙ୍କ ସ୍ତ୍ରୀ ସତ୍ୟଭାମା ଖବର ଆସିଥିବା ସ୍ଥାନରେ ପହଞ୍ଚି ଦେଖିଲା ବେଳକୁ ସ୍ୱାମୀ ଅମର ମରି ପଡିଥିଲେ। ଅମରଙ୍କ ଛାତି ଓ ବାମହାତ ନିକଟରେ ଲୁହା ରଡରେ ଭୁଷା ଚିହ୍ନ ଥିଲା। ଏ ନେଇ ସତ୍ୟଭାମା ସ୍ଥାନୀୟ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଶୁକ୍ରବାର ସନ୍ଧ୍ୟାରେ ଅମରଙ୍କ ମୃତଦେହ ବ୍ୟବଚ୍ଛେଦ କରାଯାଇଛି। ଅମରଙ୍କ ଦୁଇଝିଅ ଗାଁରେ ଥିବାବେଳେ ୪ ବର୍ଷର ପୁଅ ସେଠାରେ ରହୁଥିଲେ। କାମ ଧନ୍ଦା ନ ପାଇ ଦାଦନ ଖଟିବାକୁ ଯାଇଥିବା ଓଡ଼ିଆ ଯୁବକଙ୍କୁ ନିର୍ମମ ହତ୍ୟା ଘଟଣା ଗାଁରେ ଆଲୋଡନ ସୃଷ୍ଟି କରିଛି। ପୁଅର ହତ୍ୟାକାରୀଙ୍କୁ ଉପଯୁକ୍ତ ଦଣ୍ଡ ଦେବା ପାଇଁ ବ୍ରହ୍ମାନନ୍ଦ କହିଛନ୍ତି।

## କ୍ଷତିପୂରଣ ମିଳିଲେ ଚାଷ ସମ୍ଭବ



ଏଡିଏମ୍‌ଙ୍କୁ ଜିଲା କଂଗ୍ରେସ ପଛୁଆବର୍ଗ ବିଭାଗ ପକ୍ଷରୁ ଦାବିପତ୍ର ଦିଆଯାଉଛି।

କେନ୍ଦ୍ରାପଡ଼ା ଅଫିସ, ୧୭।୧୨

ଚାଷୀଙ୍କ ଋଣ ଶୁଝିବା ଚିନ୍ତା ଘାରିଛି। ବାତ୍ୟା ଜୱାଦ ପ୍ରଭାବରେ ହୋଇଥିବା ଲଗାଣ ବର୍ଷା ଖରିଫ ଧାନ ଫସଲ ସହ ରବି ଓ ପନିପରିବା ଚାଷ ନଷ୍ଟ କରିଦେଇଛି। ତୁରନ୍ତ କ୍ଷତି ପୂରଣ ମିଳିଲେ ଆଗାମୀ ଚାଷ ସମ୍ଭବ ହୋଇପାରିବ ବୋଲି ଦର୍ଶାଇ ଏଡିଏମ୍‌ଙ୍କୁ କେନ୍ଦ୍ରାପଡା ଜିଲା କଂଗ୍ରେସ ପଛୁଆବର୍ଗ ବିଭାଗ ପକ୍ଷରୁ ଗୁରୁବାର ଦାବିପତ୍ର ପ୍ରଦାନ କରାଯାଇଛି। ଏହାର ଅଧ୍ୟକ୍ଷ ବିଧୁଭୂଷଣ ମହାପାତ୍ର କହିଛନ୍ତି, ଜିଲାରେ ୧୨୦୦ ମିଲିମିଟରରୁ ଊର୍ଦ୍ଧ୍ୱ ବର୍ଷା ଫଳରେ ଚାଷ ସମ୍ପୂର୍ଣ୍ଣ ନଷ୍ଟ ହୋଇଛି। ଚାଷ ପାଇଁ ଚାଷୀ ବିଭିନ୍ନ ଉତ୍ସରୁ ଋଣ କରିଥିଲେ। ଫସଲ ନଷ୍ଟ ପରେ ଋଣ ଶୁଝିବା ଚିନ୍ତା ସହ ବର୍ଷକର ଆୟ ପାଣିରେ ମିଳେଇ ଯାଇଛି। ତୁରନ୍ତ କ୍ଷତିପୂରଣ ମିଳିଲେ ଆଗାମୀ ଚାଷ ହୋଇପାରିବ ଦର୍ଶାଇ ମୁଖ୍ୟମନ୍ତ୍ରୀ, ଜଳ ସେଚନ ଓ କୃଷି ବିଭାଗକୁ ଦାବିପତ୍ର ପ୍ରଦାନ କରାଯାଇଥିବା ଅଧ୍ୟକ୍ଷ ମହାପାତ୍ର ସୂଚନା ଦେଇଛନ୍ତି। ଏହି ଦାବିପତ୍ର ପ୍ରଦାନ ସମୟରେ କଂଗ୍ରେସ ନେତା ଚିନ୍ମୟ ପ୍ରସାଦ ବେହୁରା, ମୀର ମୁର୍ସିଦ, ନିରଞ୍ଜନ ପରିଡା, ସସ୍ମିତ ଶ୍ରୀଚନ୍ଦନ, ଉମେଶ ପାଢ଼ୀ ପ୍ରମୁଖ ସାମିଲ ହୋଇଥିଲେ।

## ଫୋରଟି ସଂଘ ବିବାଦ: ଦୁଇ ପକ୍ଷରୁ ୪ ଗିରଫ

ପାରାଦୀପ ୧୭।୧୨(ସ୍ୱ.ପ୍ର.)

ପାରାଦୀପରେ ଫୋରଟି ସଂଘ (ଟ୍ରକ, ଟ୍ୟାଙ୍କର, ଟିପ୍ପଲର, ଟ୍ରେଲର)କୁ ନେଇ ୨ ଗୋଷ୍ଠୀଙ୍କ ମଧ୍ୟରେ ବର୍ଷେ ହେଲା ବିବାଦ ଲାଗି ରହିଛି। ପରସ୍ପର ଥାନା ଠାରୁ ଆରମ୍ଭ କରି ହାଇକୋର୍ଟ ପର୍ଯ୍ୟନ୍ତ ଏକାଧିକ ମାମଲା କରିଛନ୍ତି। ଉକ୍ତ ବିବାଦ ଘଟଣାରେ ଶୁକ୍ରବାର ପାରାଦୀପ ଆଦର୍ଶଥାନା ପୋଲିସ ୨ ପକ୍ଷରୁ ୪ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସଂଘର ସମ୍ପାଦକ ପଦବୀ ପାଇଁ କାଗଜପତ୍ର ଜାଲିଆତି କରିବା ଏବଂ ତାହାକୁ ଦର୍ଶାଇ ଜିପସମ ବୋଝେଇ ପାଇଁ ଆବେଦନ କରିବା ଅଭିଯୋଗ ଆଧାରରେ ଏହି ଗିରଫ କରାଯାଇଛି ବୋଲି ଥାନାଧିକାରିଣୀ ଶୁଭଲକ୍ଷ୍ମୀ ପୂଜାରୀ ସୂଚନା ଦେଇଛନ୍ତି। ଉକ୍ତ ସଂଘର ବାମଦେବ ସାହୁଙ୍କ ଅଭିଯୋଗକ୍ରମେ ପୋଲିସ ମାମଲା (ନଂ. ୨୨୧/୨୧) ରୁଜୁ କରି ୩ ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ଜଗନ୍ନାଥ ପରିଜା, ରବୀନ ପ୍ରୀତମ ଓ ସେକ ବସୀର୍ ଅଲ୍ଲୀ। ସେହିପରି ଜଗନ୍ନାଥ ପରିଜାଙ୍କ ଅଭିଯୋଗକ୍ରମେ ମାମଲା (ନଂ.୨୨୪/୨୧) ରୁଜୁ କରାଯାଇ ବାମଦେବ ସାହୁଙ୍କୁ ଗିରଫ କରାଯାଇଛି। ଉଭୟ ଅଭିଯୋଗ ଗତ ଅକ୍ଟୋବର ୧୮ ଓ ୨୨ ରେ ଥାନାରେ ପଞ୍ଜୀକୃତ ହୋଇଛି।

## ଜବତ ବିସ୍ଫୋରକ ସାମଗ୍ରୀ ନଷ୍ଟ କଲା ପୋଲିସ

ଧର୍ମଶାଳା,୧୭।୧୨(ଡି.ଏନ.ଏ.)



ଜବତ ବିସ୍ଫୋରକ ସାମଗ୍ରୀକୁ ପୋଡ଼ି ନଷ୍ଟ କରାଯାଉଛି।

ଜେନାପୁର ଥାନା ଅନ୍ତର୍ଗତ ସାତମାଣ ଅଞ୍ଚଳରୁ ୨ ମାସ ତଳେ ଜବତ ହୋଇଥିବା ବିସ୍ଫୋରକ ସାମଗ୍ରୀଗୁଡିକୁ ପୋଲିସ ପକ୍ଷରୁ ଶୁକ୍ରବାରଠାରୁ ନଷ୍ଟ କରିବା ପ୍ରକ୍ରିୟା ଆରମ୍ଭ କରାଯାଇଛି। ପ୍ରଥମ ଦିନରେ ୧୫୧ ପେଟି ବିସ୍ଫୋରକ (ପାୱାର ଜେଲ)କୁ ନଷ୍ଟ କରାଯାଇଥିବା ଜଣାପଡିଛି। ଯାଜପୁର ଏସ୍‌ପି ରାହୁଲ ପିଆରଙ୍କ ନିର୍ଦ୍ଦେଶକ୍ରମେ ଜିଲା ସ୍କ୍ୱାଡ୍ ଓ ଜେନାପୁର ପୋଲିସ ମିଳିତ ଭାବେ ଚଢ଼ାଉ କରି ସାମଗ୍ରୀ ଜବତ କରିଥିଲେ। ଜବତ ବିସ୍ଫୋରକ ସାମଗ୍ରୀକୁ ନଷ୍ଟ ପାଇଁ ଥାନା ଅଧିକାରୀ ଭୁବନେଶ୍ୱରସ୍ଥିତ ଡେପୁଟି କଂଟ୍ରୋଲର ଅଫ ଏକ୍ସିଭ୍‌କୁ ଚିଠି କରିଥିଲେ। ଚିଠି ପାଇବା ପରେ ଡେପୁଟି କଂଟ୍ରୋଲର ଅଫ ଏକ୍ସପ୍ଲୋସିଭ୍‌ର ଦୁଇ ଜଣିଆ ଟିମ ପହଞ୍ଚି ସାମଗ୍ରୀ ନଷ୍ଟ ପ୍ରକ୍ରିୟା ଆରମ୍ଭ କରିଛନ୍ତି। ଦୁଇ ଦିନ ଧରି ଜବତ ବିସ୍ଫୋରକ ସାମଗ୍ରୀ ଗୁଡିକୁ ନଷ୍ଟ କରାଯିବ ବୋଲି ଥାନା ଅଧିକାରୀ ଉମାକାନ୍ତ ନାୟକ ସୂଚନା ଦେଇଛନ୍ତି।

## ସୀମିତ ଆଲୋଚନାରେ ପଞ୍ଚାୟତ ସମିତି ବୈଠକ ଶେଷ

ବାଲିକୁଦା,୧୭।୧୨(ସ୍ୱ.ପ୍ର.)

ବାଲିକୁଦା ଦଶମ ପଞ୍ଚାୟତ ସମିତି ବୈଠକ ଶୁକ୍ରବାର ଏକ ଘଣ୍ଟା ମଧ୍ୟରେ ସୀମିତ ଆଲୋଚନାରେ ଶେଷ ହୋଇଛି। ପ୍ରାରମ୍ଭରେ ପୂର୍ବତନ ବିଧାୟକ ଉମେଶ ସ୍ୱାଇଁ, ଓଷକଣା ପୂର୍ବତନ ସରପଞ୍ଚ ବ୍ରଜବନ୍ଧୁ ପରିଡ଼ା, ସେନାମୁଖ୍ୟ ବିପିନ ରାୱାତଙ୍କ ଉଦ୍ଦେଶ୍ୟରେ ନୀରବ ପ୍ରାର୍ଥନା କରାଯାଇଥିଲା। ବୈଠକରେ ବ୍ଲକ ଅଧ୍ୟକ୍ଷା ମଧୁସ୍ମିତା ସାହୁ ଅଧ୍ୟକ୍ଷତା କରିଥିଲେ। ଏହି ଅବସରରେ କେବଳ ପଞ୍ଚାୟତ ସମିତି ଅଂଶଧନକୁ ନେଇ ପ୍ରକଳ୍ପଗୁଡ଼ିକୁ କିପରି କାର୍ଯ୍ୟକାରୀ କରିହେବ ସେସମ୍ପର୍କରେ ଅଳ୍ପ ସମୟ ପାଇଁ ଆଲୋଚନା ହୋଇଥିଲା। ଶେଷ ହୋଇଥିବା କାର୍ଯ୍ୟଗୁଡିକର ବିଲ୍ ପ୍ରଦାନ କରିବାକୁ ପରାମର୍ଶ ଦିଆଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ବୈଠକରେ ରାଖାଲ ଚନ୍ଦ୍ର ଦାସ, ସଞ୍ଜୟ କୁମାର ଦାସ ଓ ବୈରାଗୀ ଚରଣ ଜେନା ପ୍ରମୁଖ ଯୋଗଦେଇଥିଲେ । ଗ୍ରାମ ପଞ୍ଚାୟତ ସମ୍ପ୍ରସାରଣ ଅଧିକାରୀ ରବୀନ୍ଦ୍ର ମହାନ୍ତି ପୂର୍ବ ବୈଠକର ବିବରଣୀ ପାଠ କରିଥିଲେ । ଶେଷରେ ବାହାରଣା ସମିତି ସଭ୍ୟ ନୀଳମଣି ବେହେରା ଧନ୍ୟବାଦ ଦେଇଥିଲେ।

## ୪ ଅଧିକାରୀଙ୍କ ବିରୋଧରେ ଗିରଫ ପରୱାନା

**ଉତ୍ତର ନ ରଖିବାରୁ ଜିଲା ଖାଉଟି ବିବାଦ ପ୍ରତିକାର ଆୟୋଗଙ୍କ କାର୍ଯ୍ୟାନୁଷ୍ଠାନ**

ଜଗତ୍‌ସିଂହପୁର ଅଫିସ, ୧୭।୧୨

ଜିଲା ଖାଉଟି ବିବାଦ ପ୍ରତିକାର ଆୟୋଗଙ୍କ ନିର୍ଦ୍ଦେଶ ଅନୁଯାୟୀ ଉତ୍ତର ନ ରଖିବାରୁ ପୃଥକ ସଂସ୍ଥାର ୪ ଉଚ୍ଚପଦସ୍ଥ ଅଧିକାରୀଙ୍କ ବିରୋଧରେ ଗିରଫ ପରୱାନା ଜାରି କରାଯାଇଛି। ସେମାନଙ୍କୁ ତୁରନ୍ତ ଗିରଫ କରି ୧୭।୧।୨୨ରେ ଆୟୋଗରେ ହାଜିର କରିବାକୁ ଥାନା ଆଇଆଇସିମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଅଭିଯୁକ୍ତଙ୍କ ମଧ୍ୟରୁ ଜଣେ ବରୋଦା ବ୍ୟାଙ୍କ ଶାଖା ପରିଚାଳକ ହୋଇଥିବା ବେଳେ ଅନ୍ୟଜଣେ ହେଲେ କୋଲାମଣ୍ଡଳମ୍ ଇନଭେଷ୍ଟମେଣ୍ଟ ଆଣ୍ଡ ଫାଇନାନ୍ସ କମ୍ପାନୀ ଲିମିଟେଡ୍ ଶାଖା ପରିଚାଳକ। ଅନ୍ୟ ୨ ଜଣଙ୍କ ମଧ୍ୟରେ ଟିପିସିଓଡିଏଲ୍ ଏସ୍‌ଡିଓ ଏବଂ କନିଷ୍ଠ ଯନ୍ତ୍ରୀ ରହିଛନ୍ତି।

ଜଗତ୍‌ସିଂହପୁର ଥାନା ଅନ୍ତର୍ଗତ ସମଙ୍ଗର ଜାକିର ହୁସେନ୍‌ଙ୍କ ଅଭିଯୋଗ ଆଧାରରେ ବ୍ୟାଙ୍କ ଅଫ ବରୋଦା ଜଗତ୍‌ସିଂହପୁର ଶାଖା ପରିଚାଳକଙ୍କ ନାମରେ ଆୟୋଗରେ ମାମଲା ରୁଜୁ ହୋଇଥିଲା । ହୁସେନ୍‌ଙ୍କ ଅଭିଯୋଗ ଅନୁଯାୟୀ, ସେ କୁକୁଡ଼ା ଫାର୍ମ ପାଇଁ ଋଣ ନେଇଥିଲେ ସୁଦ୍ଧା ଶାଖା ପରିଚାଳକ ତାଙ୍କୁ ହଇରାଣ କରିଥିଲେ । ଏପରି କି ପୂର୍ଣ୍ଣ ଋଣରାଶି ଉଠାଇବାକୁ ସୁଯୋଗ ଦେଇ ନ ଥିଲେ । ଏହା ଉପରେ ଶାଖା ପରିଚାଳକଙ୍କୁ ୪।୧୨।୧୯ରେ ଉତ୍ତର ରଖିବାକୁ ନିର୍ଦ୍ଦେଶ ଦିଆଯାଇଥିଲା। ମାତ୍ର ଶାଖା ପରିଚାଳକ ଏହାକୁ ନ ମାନିବାରୁ ୬।୧୧।୨୦ରେ ତାଙ୍କ ବିରୋଧରେ କାରଣ ଦର୍ଶାଅ ନୋଟିସ ଜାରି କରାଯାଇଥିଲା। ଏହି ମାମଲାରେ କାର୍ଯ୍ୟାନୁଷ୍ଠାନ ନେବାକୁ ଆଇଆଇସିଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଜିଲା ମୁଖ୍ୟ ଚିକିତ୍ସାଳୟ ନିକଟରେ କାର୍ଯ୍ୟକ୍ଷମ ଥିବା କୋଲାମଣ୍ଡଳମ୍ ଇନଭେଷ୍ଟମେଣ୍ଟ ଆଣ୍ଡ ଫାଇନାନ୍ସ କମ୍ପାନୀ ଲିମିଟେଡ୍ ଶାଖା ପରିଚାଳକଙ୍କ ନାମରେ ଆୟୋଗଙ୍କ ପକ୍ଷରୁ ୱାରେଣ୍ଟ ଜାରି କରାଯାଇଛି। ରଘୁନାଥପୁରର ସରୋଜ କୁମାର ଜେନାଙ୍କ ଅଭିଯୋଗ ଆଧାରରେ ତାଙ୍କ ବିରୋଧରେ ଆୟୋଗରେ ମାମଲା ରୁଜୁ ହୋଇଥିଲା। ଏହାଉପରେ ଶାଖା ପରିଚାଳକଙ୍କୁ ୧୩।୮।୨୧ ଉତ୍ତର ରଖିବାକୁ ଆୟୋଗଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା। ମାତ୍ର ଅଭିଯୁକ୍ତ ଏହାକୁ ଉଲ୍ଲଂଘନ କରିବାକୁ ୩।୯।୨୧ରେ କାରଣ ଦର୍ଶାଅ ନୋଟିସ ଜାରି କରାଯାଇଥିଲା। ସେହିପରି ଟିପିସିଓଡିଏଲ୍ ରଘୁନାଥପୁର ଏସ୍‌ଡିଓଙ୍କ ନାମରେ ମଧ୍ୟ ଆୟୋଗ ପକ୍ଷରୁ ଗିରଫ ପରୱାନା ଜାରି କରାଯାଇଛି । ବିରିଡ଼ି ଥାନା ହାଜିପୁର (ମୁସଲିମସାହି)ର ରହେମତ ଅଲି ଖାନ୍‌ଙ୍କ ଅଭିଯୋଗ ଆଧାରରେ ଆୟୋଗରେ ମାମଲା ରୁଜୁ ହୋଇଥିଲା । ୨୫।୨।୨୧ରେ ଟିପିସିଓଡିଏଲ୍ ରଘୁନାଥପୁର ଏସ୍‌ଡିଓଙ୍କୁ ଉତ୍ତର ରଖିବାକୁ ନିର୍ଦ୍ଦେଶ ଦିଆଯାଇଥିଲା । ଉତ୍ତର ନ ମିଳିବାରୁ ୧୫।୩।୨୧ରେ କାରଣ ଦର୍ଶାଇ ନୋଟିସ୍ ଜାରି କରାଯାଇଛି। ଅନୁରୂପ ଭାବେ ଟିପିସିଓଡିଏଲ୍ ବିରିଡି ସେକ୍ସନ ଅଫିସ କନିଷ୍ଠ ଯନ୍ତ୍ରୀଙ୍କ ନାମରେ ମଧ୍ୟ ୱାରେଣ୍ଟ ଜାରି କରାଯାଇଛି। ଉପରୋକ୍ତ ପ୍ରତ୍ୟେକ ମାମଲାରେ ଥାନାରେ ଜାମିନ ମିଳିଲେ ୧୭ରେ ଆଇଆଇସିମାନେ କାଗଜ ଦାଖଲ କରିବାକୁ ହେବ ବୋଲି ଉଲ୍ଲେଖ କରାଯାଇଛି ।

### ଦୁର୍ଘଟଣାରେ ଯୁବକଙ୍କ ମୃତ୍ୟୁ

ମାର୍ଶାଘାଇ, ୧୭।୧୨(ଡି.ଏନ.ଏ.)

ମାର୍ଶାଘାଇ ଥାନା ଅନ୍ତର୍ଗତ ଟୀକାରପଙ୍ଗା ଛକରେ ଶୁକ୍ରବାର ଦୁର୍ଘଟଣା ଘଟି ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ଜଗତ୍‌ସିଂହପୁର ଜିଲା ବାଲିକୁଦା ଅଞ୍ଚଳର ନାଗାର୍ଜୁନ ସାହୁ (୨୯)। ଗୁରୁବାର ଲକ୍ଷ୍ମୀ ପୂଜା ଉପଲକ୍ଷେ ନାଗାର୍ଜୁନ ସାଙ୍ଗ ଘର ପାଟକୁରା ଥାନା ପାଖଡ଼ ଗ୍ରାମକୁ ଆସିଥିଲେ। ସକାଳୁ ସେ ରହୁଥିବା ପାରାଦୀପ ଲକ୍ ଥାନା ଅଞ୍ଚଳକୁ ଏକ ବୁଲେଟ୍ (ନଂ. ଓଡି ୩୫ ବି ୨୮୪୫)ରେ ଫେରୁଥିଲେ। ଟିକରପାଙ୍ଗା ଛକରେ ଅଜଣା ଗାଡି ତାଙ୍କ ବୁଲେଟକୁ ଧକ୍କା ଦେଇଥିଲା। ସେ ପଡିଯିବାରୁ ତାଙ୍କ ମୁଣ୍ଡରେ ଗଭୀର ଆଘାତ ଲାଗିଥିଲା। ଖବର ପାଇ ମାର୍ଶାଘାଇ ଅଗ୍ନିଶମ ବାହିନୀ ତାଙ୍କୁ ଉଦ୍ଧାର କରି ସ୍ଥାନୀୟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣିଥିଲେ। ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏ ନେଇ ଥାନାରେ ଅପମୃତ୍ୟୁ ମାମଲା (ନଂ.୨୦/୨୦୨୧) ରୁଜୁକରାଯାଇ ତଦନ୍ତ ଜାରି ରହିଥିବା ପୋଲିସ ସୂତ୍ରରୁ ପ୍ରକାଶ।

### ମା' ଗୋଜବାୟାଣୀ ପୀଠର ଉନ୍ନତି ପାଇଁ ଦାବି

ମାର୍ଶାଘାଇ, ୧୭।୧୨(ଡି.ଏନ.ଏ.)

ମାର୍ଶାଘାଇ ବ୍ଲକର ବାଘଡ଼ିଆ ଗ୍ରାମର ମା'ଗୋଜବାୟାଣୀ ପୀଠକୁ ସ୍ୱତନ୍ତ୍ର ଆର୍ଥିକ ଅନୁଦାନ ଦ୍ୱାରା ମନ୍ଦିର ଓ ପାରିପାର୍ଶ୍ୱିକ ଉନ୍ନୟନ ପାଇଁ ପୂର୍ବତନ ରାଜ୍ୟ ଖଦି ବୋର୍ଡ଼ର ସଭାପତି ତେଜେଶ୍ୱର ପରିଡା ଦାବି କରିଛନ୍ତି। ଏ ନେଇ ପରିଡା ମୁଖ୍ୟମନ୍ତ୍ରୀ, ପର୍ଯ୍ୟଟନ ମନ୍ତ୍ରୀ, ମୁଖ୍ୟ ଶାସନ ସଚିବ, ୫-ଟି ସଚିବ ଓ କେନ୍ଦ୍ରାପଡ଼ା ଜିଲାପାଳଙ୍କୁ ୧୫ ଦଫା ଦାବିପତ୍ରରେ ଜଣାଇଛନ୍ତି। ଦାବି ମଧ୍ୟରେ ଏହି ପୀଠକୁ ପ୍ରତିଦିନ ରାଜ୍ୟର ବିଭିନ୍ନ ସ୍ଥାନରୁ ଶତାଧିକ ଭକ୍ତ ଓ ପର୍ଯ୍ୟଟକ ଆସୁଥିବା ବେଳେ ଆଜି ପର୍ଯ୍ୟନ୍ତ ଏହାକୁ ସରକାରୀ ଭାବେ ପର୍ଯ୍ୟଟନସ୍ଥଳର ମାନ୍ୟତା ମିଳିନାହିଁ। ମନ୍ଦିର ଚତୁଃପାର୍ଶ୍ୱରେ ପାଚେରି ନିର୍ମାଣ, ଏକ ଯାତ୍ରୀ ବିଶ୍ରାମଗାର, ରୋଶଶାଳା ଗୃହର ଆଧୁନିକୀକରଣ, ସୋଲାର ଲାଇଟ ଦ୍ୱାରା ଆଲୋକୀକରଣ, ନିକଟସ୍ଥ ଗୋବରୀ ନଦୀରେ ବୋଟିଂ ସୁବିଧା, ଗାଡି ପାର୍କିଂ ବ୍ୟବସ୍ଥା, ଦୋକାନ ଗୃହ ନିର୍ମାଣ ଓ ଏକ ଦକ୍ଷ ପରିଚାଳନା କମିଟି ଗଠନ ପାଇଁ ନିବେଦନ କରିଛନ୍ତି।

### ଚକ୍ଷୁ ଚିକିତ୍ସା ଶିବିର

ଆଳି,୧୭।୧୨(ଡି.ଏନ.ଏ.)

ଆଳି ବ୍ଲକ ଚଣ୍ଡିଆଗଡି ପଞ୍ଚାୟତର ମାଳପାଟଣା ଶିଶୁ ମଙ୍ଗଳ ଯୁବକ ସଂଘ ପକ୍ଷରୁ ମାଗଣା ଚକ୍ଷୁ ଚିକିତ୍ସା ଶିବିର ଅନୁଷ୍ଠିତ ହୋଇଯାଇଛି। କଟକ ଜେପିଏମ୍ ରୋଟାରୀ କ୍ଲବ ଚକ୍ଷୁ ହସ୍ପିଟାଲର ଡାକ୍ତରମାନେ ଶିବିରରେ ଯୋଗଦେଇ ୮୦ ଜଣ ରୋଗୀଙ୍କ ଆଖି ପରୀକ୍ଷା କରିଥିଲେ। ୨୫ ଜଣଙ୍କୁ ମୋତିଆବିନ୍ଦୁ ଅସ୍ତ୍ରୋପଚାର ନିମନ୍ତେ ଚୟନ କରାଯାଇଛି। ଶିବିରରେ ଡାକ୍ତର ରଘୁବୀର ଦାସ, ସହକାରୀ ମନୋରଞ୍ଜନ ସାମଲ, ପରେଶ ସାହୁ, ପ୍ରଶାନ୍ତ ମହାନ୍ତି, ପ୍ରଜ୍ଞା ମହାନ୍ତି, ଶାନ୍ତିଲତା ଦାସ, ସୁଧାଂଶୁ ପଟ୍ଟନାୟକ ପ୍ରମୁଖ ଚକ୍ଷୁ ପରୀକ୍ଷା କାର୍ଯ୍ୟ ତୁଲାଇଥିଲେ। ଶିବିରକୁ ସଂଘର ସଭାପତି ସ୍ୱପ୍ନଜିତ ଲେଙ୍କା, ସମ୍ପାଦକ ଗୌତମ ଲେଙ୍କା, ଅଶ୍ୱିନୀ ସାହୁ, ମନୋଜ ବନ୍ଧ, ଗଣେଶ ଲେଙ୍କା, ଚିତ୍ତରଞ୍ଜନ ସାହୁ, ଚନ୍ଦନ ଲେଙ୍କା, ସିଦ୍ଧାର୍ଥ ମାଣିକ ପ୍ରମୁଖ ପରିଚାଳନା କରିଥିଲେ।

### ମହନ୍ତ ପ୍ରେମାନନ୍ଦଙ୍କ ସମାଧି ପ୍ରତିଷ୍ଠା

ଡେରାବିଶ,୧୭।୧୨(ସ୍ୱ.ପ୍ର.)

ଡେରାବିଶ ବ୍ଲକ ଅଧୀନ ଅନୁଆପଡ଼ାସ୍ଥିତ ଅନନ୍ତବଟର ମହନ୍ତ ପ୍ରେମାନନ୍ଦ ଦାସଙ୍କ ପରଲୋକର ୨୧ତମ ଦିବସରେ ଆଶ୍ରମ ପରିସରରେ ଶୁକ୍ରବାର ସମାଧୀ ପ୍ରତିଷ୍ଠା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଶିଶୁଅନନ୍ତ ଆଶ୍ରମର ସନ୍ନ୍ୟାସୀ ଶ୍ରୀବାସ ଦାସ, କେନ୍ଦ୍ରାପଡ଼ା ବାୟାବାବାଙ୍କ ଆଶ୍ରମର ମହନ୍ତ ହୃଷୀକେଶ ଦାସ, କରମଳାସ୍ଥିତ ଠାକୁର ଅଭିରାମ ପରମହଂସ ଆଶ୍ରମର ସନ୍ନ୍ୟାସୀ ଲୋକନାଥ ଦାସ, ସ୍ୱାମୀ ତ୍ରିଲୋକେଶ୍ୱର ଭାରତୀଙ୍କ ସମେତ ବିଭିନ୍ନ ସମ୍ପ୍ରଦାୟର ସାଧୁମାନେ ଯୋଗଦେଇ ନିଜର ଆଶ୍ରୀବଚନ ପ୍ରଦାନ କରିଥିଲେ। ଜଗତ୍‌ସିଂହପୁର ଜିଲା ଅରିଲୋସ୍ଥିତ ଶିଶୁଅନନ୍ତ ଆଶ୍ରମର ପୂଜ୍ୟ ପୂଜକ ଶ୍ରୀମଦ୍ ବାବା ବଳିଆଙ୍କ ପ୍ରଥମ ଶିଷ୍ୟ ଭାବେ ସନ୍ନ୍ୟାସୀ ପ୍ରେମାନନ୍ଦ ପରିଚିତ ଥିଲେ। ଏଥିରେ ଶିଶୁଅନନ୍ତ ଆଶ୍ରମର ପ୍ରଜ୍ଞାନନ୍ଦ ଦାସ, ଅଦ୍ୱୈତ ଦାସ, ପୀତାମ୍ବର ଦାସ, ଗୋପାଳ ବାବା ଓ ଶ୍ରଦ୍ଧାଳୁମାନେ ଯୋଗ ଦେଇଥିଲେ।

## ବିଦ୍ୟୁତ୍ ସଂସ୍ପର୍ଶରେ ବୃଦ୍ଧା ଗୁରୁତର

ଧରାକୋଟ,(ଡି.ଏନ୍.ଏ.): ଧରାକୋଟ ଅନ୍ତର୍ଗତ ମୁଣ୍ଡମରାଇ ଗ୍ରାମ ନିକଟସ୍ଥ ପଞ୍ଚସିଂହପୁର ଶାସନରେ ଶୁକ୍ରବାର ବିଦ୍ୟୁତ୍ ସଂସ୍ପର୍ଶରେ ଆସି ଜଣେ ବୃଦ୍ଧା ଗୁରୁତର ହୋଇଛନ୍ତି। ସେ ହେଲେ ଶାରଦା ମିଶ୍ର (୬୨)। ବିଦ୍ୟୁତ୍ ଶର୍ଟସର୍କିଟ ଯୋଗୁ ଘରେ ନିଆଁ ଲାଗି ଯିବାରୁ ଶାରଦା ଗୁରୁତର ହୋଇଥିଲେ। ଗ୍ରାମବାସୀ ଓ ଅଗ୍ନିଶମ କର୍ମଚାରୀଙ୍କ ମିଳିତ ସହଯୋଗରେ ତାଙ୍କୁ ପ୍ରଥମେ ଆସିକା ସ୍ୱାସ୍ଥ୍ୟ କେନ୍ଦ୍ର ପରେ ବ୍ରହ୍ମପୁର ବଡ଼ମେଡ଼ିକାଲକୁ ସ୍ଥାନାନ୍ତର କରାଯାଇଛି। ମୁଣ୍ଡମରାଇ ଗ୍ରାମର ଯୁବକ ସାମାଜିକ କର୍ମୀ ଶିବ ଶଙ୍କର ପାତ୍ର ପହଞ୍ଚି ଗୁରୁତରଙ୍କୁ ସାହାଯ୍ୟର ପ୍ରତିଶ୍ରୁତି ଦେବାସହ ଉଚିତ ପଦକ୍ଷେପ ନେବାକୁ ପ୍ରଶାସନର ଦୃଷ୍ଟି ଆକର୍ଷଣ କରିଛନ୍ତି।

# ଝିଅ ବୋଝ ଚିନ୍ତାଧାରା ବଦଳି ପାରୁନି

- ମାନସିକତାରେ ପରିବର୍ତ୍ତନ ଦରକାର
- ବିବାହ ବୟସ ବୃଦ୍ଧି ରୋକି ପାରିବନି

ନୟାଗଡ଼ ଅଫିସ,୧୭ା୧୨

ସମାଜରେ ନାରୀମାନଙ୍କର ସ୍ୱାଧୀନତା ଓ ସମ୍ମାନ ବୃଦ୍ଧି ପାଉଥିବାବେଳେ ଝିଅଙ୍କ ବିବାହ ବୟସ ୨୧କୁ ବୃଦ୍ଧି ସ୍ୱାଗତଯୋଗ୍ୟ ପଦକ୍ଷେପ। ହେଲେ ଝିଅ ଜନ୍ମ ହେବା ଓ ପରେ ବିବାହକୁ ଅନେକ ମା'ବାପା ବୋଝ ବୋଲି ଭାବୁଛନ୍ତି। ମୁଖ୍ୟତଃ ନୟାଗଡ଼ ଜିଲାରେ ଗରିବ ଲୋକଙ୍କ କ୍ଷେତ୍ରରେ ଏପରି ଚିନ୍ତା ବେଶୀ ଆସୁଛି। ଏଣୁ ଝିଅଙ୍କୁ ଭଲରେ ପାଠ ପଢ଼ାନ୍ତି ନାହିଁ। ପୁଣି ଅଳ୍ପ ବୟସରେ ବିବାହ କରି ଦେଉଛନ୍ତି। ସେମାନଙ୍କ ପାଖରେ ଝିଅ ବୟସର ମାନେ କିଛି ନ ଥାଏ। ଶୀଘ୍ର ଝିଅଙ୍କୁ ବିବାହ କରାଇବାକୁ ସେମାନେ ପ୍ରାଥମିକତା ଦେଇଥାନ୍ତି। ମାନସିକତାରେ ପରିବର୍ତ୍ତନ ନ ଆସିଲେ କେବଳ ଆଇନ କରି ଦେଲେ ଝିଅଙ୍କ ସମସ୍ୟା ବଦଳି ଯିବ ଏକଥା ଠିକ୍ ନୁହେଁ ବୋଲି ମତ ପ୍ରକାଶ ପାଇଛି।

### କେବଳ ଆଇନ ହୋଇଗଲେ ସୁଫଳ ମିଳିବନି



"ଝିଅର ବିବାହ ବୟସ ୨୧ ବର୍ଷ କରିବା ନାରୀ ପୁରୁଷ ସମାନତା ଦିଗରେ ଭଲ କାମ କରିବ। ତେବେ ଆଇନ ଠିକ୍ ମାର୍ଗରେ କାର୍ଯ୍ୟକାରୀ ହେବା ଦରକାର। ନଚେତ ବିବାହ ବୟସ ବୃଦ୍ଧି କିଛି ଫରକ ପଡିବନି। ଜନ୍ମଠାରୁ ମୃତ୍ୟୁ ପର୍ଯ୍ୟନ୍ତ କିପରି କଷ୍ଟରେ ବଞ୍ଚେ ତାର ସମୀକ୍ଷା କରାଗଲେ ଝିଅ କେତେ ଅବହେଳିତ ସ୍ପଷ୍ଟ ହେବ। ମା' ପେଟରେ ଝିଅ ଥିଲେ ତାକୁ ହତ୍ୟା କରାଯାଉଛି। ଜନ୍ମ ହେଲେ ପୁଅ ପରି ତାକୁ ବଞ୍ଚିବାକୁ ଦିଆଯାଉନି। ବିବାହକୁ ବୋଝ ଭାବି ବୟସ ହୋଇ ନ ଥିଲେ ମଧ୍ୟ ବିବାହ କରି ଦିଆଯାଉଛି। ବିବାହ ଆଖପାଖ ଅଞ୍ଚଳରେ କରା ନ ଯାଇ ଅଜଣା ଲୋକଙ୍କ ସହ ଝାନ୍ସୀ ପରି ଅଞ୍ଚଳରେ କରାଯାଉଛି। ମାନସିକତାରେ ପରିବର୍ତ୍ତନ ନ ଆଣିଲେ ଝିଅମାନେ ଏହିପରି ସବୁବେଳେ ନିର୍ଯାତିତ ହୋଇ ବଞ୍ଚୁଥିବେ।

–ଉଷା ପଟ୍ଟନାୟକ, ସଭାନେତ୍ରୀ ଗଣିଆ ଉନ୍ନୟନ କମିଟି

### ପରିପକ୍ୱତା ଆସିବ



"ଯେଉଁନାରୀ ଯେତେ ଶିକ୍ଷିତ ସେ ସେତିକି ଆତ୍ମ ନିର୍ଭରଶୀଳ ଓ ସ୍ୱାବଲମ୍ବୀ ହେବାର ଶକ୍ତି ହାସଲ କରିଥାଏ। ଏଭଳିସ୍ଥିତିରେ ଝିଅ ଓ ପୁଅଙ୍କ ବିବାହ ବୟସ ସହ ସମାନ କରି ବିବାହ କରିବାର ଚିନ୍ତାଧାରା ଭଲ ପଦକ୍ଷେପ। ମାଟ୍ରିକ ପରୀକ୍ଷା ବେଳକୁ ଜଣେ ଛାତ୍ରୀଙ୍କୁ ୧୫ ବର୍ଷ ହୋଇଥାଏ। ଡାକ୍ତରୀ, ଇଞ୍ଜିନିୟରିଂ ଭଳି ବୈଷୟିକ ଶିକ୍ଷା ପାଇଁ ପାଖାପାଖି ୧୦ ବର୍ଷ ଲାଗେ। ବିବାହ ବୟସ ୧୮ବର୍ଷ ହୋଇଥିବାରୁ ଆମ ସମାଜରେ ଝିଅଙ୍କୁ ଅଧାରୁ ପାଠ ଛାଡିବାକୁ ପଡେ। ଝିଅଙ୍କ ବିବାହ ବୟସ ବୃଦ୍ଧି ଅଧିକ ଶିକ୍ଷା ଓ ରୋଜଗାରକ୍ଷ ମ କରିବାରେ ସହାୟକ ହେବ।

–ଜ୍ୟୋତିମୟ ପାଇକରାୟ,
ମୁକ୍ତାପୁର କେରେଣ୍ଡା ଟାଙ୍ଗୀ, ରଣପୁର, ଯୁକ୍ତ ୩ ଛାତ୍ରୀ।

### ଦାମ୍ପତ୍ୟ ଜୀବନରେ ଖୁସି ଆଣିବ



"୨୧ ବର୍ଷରେ ଝିଅ ପୁଅ ସହ ବିବାହ କଲେ ଦାମ୍ପତ୍ୟ ଜୀବନ ଖୁସିରେ କଟିବ। ଝିଅ ଅଧାରୁ ପାଠ ପଢା ଛାଡିବେ ନାହିଁ। ତେବେ ଝିଅଙ୍କ ବିବାହ ବୟସ ୧୮ ବର୍ଷ ଥିବା ବେଳେ ନୟାଗଡ଼ ଜିଲାରେ ନାବାଳିକା ବିବାହ ବଢ଼ି ଚାଲିଛି। ୨୧ବର୍ଷରେ ଝିଅଙ୍କ ବିବାହ ନାବାଳିକା ବିବାହକୁ ରୋକିଲା ପରି ଆଶା କରାଯାଉନାହିଁ। ତେବେ ଏ ଦିଗରେ ଅଧିକ ସଚେତନତା ଆବଶ୍ୟକତା ରହିଛି।

–ରିନୁବାଳା ରାଉତରାୟ, କେନ୍ଦୁଢ଼ିପି।

### ସକାରାତ୍ମକ ପ୍ରଭାବ ପଡ଼ିବ



"ବିଳମ୍ବିତ ବିବାହ ଯୋଗୁ ଆର୍ଥିକ, ସାମାଜିକ ତଥା ସ୍ୱାସ୍ଥ୍ୟଗତ ଦିଗ ଉପରେ ସକାରାତ୍ମକ ପ୍ରଭାବ ରହିବ। ଝିଅମାନଙ୍କୁ ଅଧିକ ପାଠପଢ଼ିବା ଓ ସ୍ୱାବଲମ୍ବୀ ହେବାରେ ସହାୟକ ହେବ।

–ସ୍ମିତା ଶେଫାଳି ମହାପାତ୍ର,
ଅଧ୍ୟକ୍ଷା ଖଣ୍ଡପଡା ମହିଳା କନିଷ୍ଠ ମହାବିଦ୍ୟାଳୟ।

### ଝିଅଙ୍କୁ ପଢ଼ିବାର ସୁଯୋଗ ଦିଆଯାଉ



"ନାରୀ ଶିକ୍ଷାରେ ପ୍ରଗତି ସେମାନଙ୍କୁ ସ୍ୱାବଲମ୍ବୀ ଓ ଆତ୍ମ ନିର୍ଭରଶୀଳ କରିଛି। ୨୧ ବର୍ଷରେ ବିବାହ ସେମାନଙ୍କ ପାଇଁ ପାଠପଢ଼ାରେ ସୁଯୋଗ ଦେବା ସହ ବୈବାହିକ ଜୀବନକୁ ସୁଖମୟ କରିବ। ପରିବାରରେ ସ୍ୱାମୀ ଓ ସ୍ତ୍ରୀକୁ ରୋଜଗାରକ୍ଷମ କରାଇବାରେ ସହାୟକ ହେବ।

–ବିଷ୍ଣୁପ୍ରିୟା ଦାସ, ନର୍ସିଂ ଛାତ୍ରୀ, ଗୋଛାବାରୀ ଖଣ୍ଡପଡ଼ା।

### ରୋଜଗାର ବଢ଼ିବ



"୨୧ ବର୍ଷରେ ପୁଅ ଓ ଝିଅ ବିବାହର ଆଇନ ସବୁ ପରିବାର ପାଇଁ ଭଲ ହେବ। ମା'ବାପା ଏହାର ସୁଫଳ ନେବା ଉଚିତ। ଝିଅକୁ ବୋଝ ଭାବିବା ଠିକ୍ ନୁହେଁ। ପୁଅ ପରି ତାକୁ ମଧ୍ୟ ରୋଜଗାର କରିବାର ସୁଯୋଗ ମିଳୁ। ଭଲ ଓ ମନ୍ଦ କ'ଣ ଜାଣିବାର ସୁଯୋଗ ଦିଆଯାଉ। ଏପରି ବିଲ ପାସ୍ ହେବା ଦରକାର।

– ସୁରେଶ ପାତ୍ର, ଅବସରପ୍ରାପ୍ତ ସୈନିକ।

## ସଂକ୍ଷେପରେ

### ବୁଢ଼ି ଅଞ୍ଚଳରେ ଜଙ୍ଗଲ ଜମିପଟ୍ଟା ବଣ୍ଟନ

ଆର.ଉଦୟଗିରି,୧୭ା୧୨(ଡି.ଏନ.ଏ.): ଆର.ଉଦୟଗିରି ଛେଲିଗଡ଼ ପଞ୍ଚାୟତର ବୁଢ଼ି ଅଞ୍ଚଳର ତିତ୍ଲି ଗ୍ରାମକୁ ଉପଜିଲାପାଳ ଦିଲ୍ଲୀପ କୁମାର ମହାରଣା ଗସ୍ତରେ ଆସି ଗ୍ରାମର ୪୦ ଜଣଙ୍କୁ ଜଙ୍ଗଲ ଜମି ପଟ୍ଟା ବଣ୍ଟନ କରିଥିଲେ। ଏହି କାର୍ଯ୍ୟକ୍ରମରେ ସ୍ଥାନୀୟ ତହସିଲଦାର ନାରାୟଣ ବେହେରା, ସୁପରଭାଇଜର, ଛେଲିଗଡ଼ ପଞ୍ଚାୟତର ଆରଆଇ ଏବଂ କର୍ମଚାରୀମାନେ ଉପସ୍ଥିତ ଥିଲେ। ଆଗକୁ ବୁଢ଼ି ଅଞ୍ଚଳର ଅନ୍ୟ ଲୋକମାନଙ୍କୁ ଜଙ୍ଗଲ ଜମି ପଟ୍ଟା ଯୋଗାଇ ଦିଆଯିବ ବୋଲି ସ୍ଥାନୀୟ ତହସିଲଦାର ବେହେରା ସୂଚନା ଦେଇଛନ୍ତି।

### ଶ୍ରୀଗୁଣ୍ଡିଚା ଭଜନ ସନ୍ଧ୍ୟା

କବିସୂର୍ଯ୍ୟନଗର,୧୭ା୧୨(ଡି.ଏନ.ଏ.): କବିସୂର୍ଯ୍ୟନଗର ରଘୁନାଥ ମନ୍ଦିରଠାରେ ଅଞ୍ଚଳର ଏକ ଭଜନ ସନ୍ଧ୍ୟା ମାର୍ଗଶିର ମାସ ଶେଷ ଗୁରୁବାର ରଘୁନାଥ ବଜାର ଲକ୍ଷ୍ମୀ ପୂଜା କମିଟି ଦ୍ୱାରା ଅନୁଷ୍ଠିତ ହୋଇଯାଇଛି। ଗଞ୍ଜାମ ଜିଲା ବିଜେଡି ଉପସଭାପତି ତଥା ପ୍ରାକ୍ତନ ଏନ୍ଏସି ଅଧକ୍ଷ ମନୋରଞ୍ଜନ ମହାପାତ୍ର ଏହାକୁ ଉଦ୍‌ଘାଟନ କରିଥିଲେ। ଅନ୍ୟାନ୍ୟ ଅତିଥି ମଧ୍ୟରେ ନଗର ଯୁବ ଛାତ୍ର ବିଜେଡି ସଭାପତି ବିକ୍ରାନ୍ତ ସାହୁ, ନଗର ବିଜେଡି ସଭାପତି ରସଲ ଦାସ, ଯୁବ ନେତା ଦିଲୀପ ସାହୁ, ମହିଳା ବିଜେଡି ନଗର ସଭାନେତ୍ରୀ ଲକ୍ଷ୍ମୀପ୍ରିୟା ସାହୁ, ନଗର ବିଜେଡି ଉପସଭାପତି ରାକେଶ ପ୍ରଧାନ, ଜିଲା ଯୁବ ବିଜେଡି ଉପସଭାପତି ପ୍ରଶ୍ନ ନାୟକ, ନଗର ଯୁବ ବିଜେଡି ଉପସଭାପତି ତ୍ରିଲୋଚନ ପାତ୍ର ପ୍ରମୁଖ ଯୋଗଦେଇଥିଲେ। ସମସ୍ତ କଳାକାରଙ୍କୁ ଉପଢୌକନ ଓ ଉପହାର ସ୍ୱରୂପ ଆର୍ଥିକ ପୁରସ୍କାର ଦେଇ ସମ୍ବର୍ଦ୍ଧିତ କରିଥିଲେ ଅତିଥିଗଣ। ଏହାର ସଂଯୋଜନା କରିଥିଲେ ଖବରଦାତା କୃପାସିନ୍ଧୁ ସ୍ୱାଇଁ ଓ ଉଦ୍‌ଘୋଷକ ଥିଲେ ଅଧାପକ ତଥା ଯାତ୍ରା ଘୋଷକ ବଳରାମ ସାର।

### ନୂତନ ସଭାପତିଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା

ବୁଗୁଡ଼ା,୧୭ା୧୨(ଡି.ଏନ.ଏ.):ବୁଗୁଡା ପିପୁଲ୍ସ କଲେଜ ପରିଚାଳନା କମିଟିର ନୂତନ ସଭାପତି ଭାବେ ନିଯୁକ୍ତି ପାଇଥିବା ଶିକ୍ଷାବିତ ରଜନୀ କାନ୍ତ ଭଞ୍ଜଙ୍କୁ ଶନିବାର କଲେଜ ପକ୍ଷରୁ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଛି। କଲେଜ ଅଧକ୍ଷ ରଜନୀ କାନ୍ତ ଦାଶ ନୂତନ ସଭାପତିଙ୍କୁ ଉପଢୌକନ ଓ ପୁଷ୍ପଗୁଚ୍ଛ ପ୍ରଦାନ ପୂର୍ବକ ସ୍ୱାଗତ ସମ୍ବର୍ଦ୍ଧନା କରିଥିଲେ। କଲେଜ ପରିଚାଳନା କମିଟି ଅଧୀନ କର୍ମଚାରୀଙ୍କ ପକ୍ଷରୁ ମଧ୍ୟ ଅନରୂପ ଭାବେ ସ୍ୱାଗତ କରାଯାଇଥିଲା। ଏହାପରେ ସଭାପତି କଲେଜର ଭିତ୍ତିଭୂମି ନିରୀକ୍ଷଣ କରିଥିଲେ।

### କଂଗ୍ରେସ ଛାଡ଼ି ବିଜେଡିରେ ଧର୍ମରାଜ

ଗୋପାଳପୁର,୧୭ା୧୨(ଡି.ଏନ.ଏ.): କଂଗ୍ରେସ ବିଧାୟକ ପ୍ରାର୍ଥୀ ଏସ୍.ଧର୍ମରାଜ ରେଡ୍ଡୀ ଓ ତାଙ୍କର ସମର୍ଥକ ଶୁକ୍ରବାର ହାତ ଛାଡ଼ି ଶଙ୍ଖ ଫୁଙ୍କିଛନ୍ତି। ଅନୁସୂଚିତ ଜାତି ଓ ଜନଜାତି ବିକାଶ ମନ୍ତ୍ରୀ ଜଗନ୍ନାଥ ସାରକା, ବିଜେଡିର ସାଙ୍ଗଠନିକ ସମ୍ପାଦକ ତଥା ଯାଜପୁର ବିଧାୟକ ପ୍ରଣବ ପ୍ରକାଶ ଦାସ, ମୁଖ୍ୟମନ୍ତ୍ରୀଙ୍କ ରାଜନୈତିକ ସଚିବ ଡ. ଗୋପବନ୍ଧୁ ଦାସ, ଜିଲା ସଭାପତି ଡ. ରମେଶ ଚନ୍ଦ୍ର ଚ୍ୟାଉପଟ୍ଟନାୟକଙ୍କ ଉପସ୍ଥିତିରେ ଗୋପାଳପୁର ନିର୍ବାଚନ ମଣ୍ଡଳୀର ନାରାୟଣପୁର ଗ୍ରାମର ଏକ ପଡ଼ିଆରେ ବିଜେଡିର ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଥିଲା। ଏଥିରେ କଂଗ୍ରେସର ବିଧାୟକ ପ୍ରାର୍ଥୀ ଏସ୍. ଧର୍ମରାଜ, ବ୍ଲକ କଂଗ୍ରେସ ସଭାପତି ସୁନୀଲ କୁମାର ସାହୁ, ଚନ୍ଦ୍ରଶେଖର ସାହୁ, କରାପଲୀ ସରପଞ୍ଚ ଏସ୍.ମେନକା ରେଡ୍ଡୀ, କେ. ମୋହନ ରେଡ୍ଡୀଙ୍କ ସମେତ ଶତାଧିକ କଂଗ୍ରେସ କର୍ମୀ ବିଜେଡିରେ ସାମିଲ ହୋଇଥିଲେ। ରଙ୍ଗେଇଲୁଣ୍ଡା ବ୍ଲକ ଅଧକ୍ଷା ସି.ଏଚ୍. ଉଷାରାଣୀ, ଗୋପାଳପୁର ନିର୍ବାଚନମଣ୍ଡଳୀ ସଂଯୋଜକ ଭରତ ପାତ୍ର, ଜିଲା ସଭାନେତ୍ରୀ ସଂଘମିତ୍ରା ଦଳେଇ, ଉପସଭାପତି ଡିଲେଶ୍ୱର ରେଡ୍ଡୀଙ୍କ ସମେତ ହଜାର ହଜାର ବିଜେଡି କର୍ମୀ ଉପସ୍ଥିତ ଥିଲେ।

### କେଏସ୍‌ୟୁବିରେ ଆଲୋଚନାଚକ୍ର

ଭଞ୍ଜନଗର, ୧୭ା୧୨(ଡି.ଏନ.ଏ) : ଭଞ୍ଜନଗର କବିସମ୍ରାଟ ଉପେନ୍ଦ୍ର ଭଞ୍ଜ (କେଏସ୍‌ୟୁବି) କଲେଜ ଶିକ୍ଷା ବିଭାଗ ପକ୍ଷରୁ ଶୁକ୍ରବାର ଶିକ୍ଷକ ଓ ଶିକ୍ଷାର ସ୍ଥିତି ଉପରେ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଅଧକ୍ଷ ଡ଼.ସୁବାସ ଚନ୍ଦ୍ର ପ୍ରଧାନ ଏଥିରେ ସଭାପତିତ୍ୱ କରିଥିଲେ। ପ୍ରାଧାପକ ସାତ୍ୟକୀ ସାହୁ ଅତିଥି ଭାବେ ଯୋଗଦେଇ ଗୁରୁକୂଳ ଶିକ୍ଷା ଏବଂ ବର୍ତ୍ତମାନର ଶିକ୍ଷା ଉପରେ କହିଥିଲେ । ଛାତ୍ରୀ ସୂର୍ଯ୍ୟସ୍ନାତା ପ୍ରଧାନ ସନ୍ଦର୍ଭ ପାଠ କରିଥିବା ବେଳେ ବିଭାଗୀୟ ମୁଖ୍ୟ ଅଧାପିକା ତୃପ୍ତିମୟୀ ଦାସ ତାଙ୍କୁ ସହଯୋଗ କରିଥିଲେ। ଛାତ୍ରୀ ଲିଜା ଭୂୟାଁ ସ୍ୱାଗତ ସଙ୍ଗୀତ ଗାନ କରିଥିଲେ।

## ଖଣି ପଞ୍ଚାୟତ କାର୍ଯ୍ୟାଳୟରେ ଭିଜିଲାନ୍ସ ଟିମ୍

ପାରଳାଖେମୁଣ୍ଡି,୧୭ା୧୨(ଡି.ଏନ୍.ଏ.)

ଗଜପତିଜିଲା ମୋହନା ବ୍ଲକ ଖଣିପଞ୍ଚାୟତ କାର୍ଯ୍ୟାଳୟରେ ସରକାରଙ୍କ ପକ୍ଷରୁ ଜନ କଲ୍ୟାଣକାରୀ ଯୋଜନାଗୁଡ଼ିକର ଅର୍ଥକୁ ଠିକ୍ ମାର୍ଗରେ ବିନିଯୋଗ ନ କରି ଅଧିକାରୀମାନେ ଆତ୍ମସାତ କରିଥିବା ଗ୍ରାମବାସୀ ଅଭିଯୋଗ କରିଥିଲେ। ଏଣୁ ଏହାର ତଦନ୍ତ କରିବାକୁ ବ୍ରହ୍ମପୁର ଭିଜିଲାନ୍ସ ଏସ୍‌ପିଙ୍କ ନିର୍ଦ୍ଦେଶରେ ୨ ଜଣିଆ ଭିଜିଲାନ୍ସ ଟିମ୍ ଶୁକ୍ରବାର ଖଣି ପଞ୍ଚାୟତରେ ପହଞ୍ଚି ଆବଶ୍ୟକ ନଥିପତ୍ର ଯାଞ୍ଚ କରିଥିଲେ। ସେହିଭଳି ମୋହନା ଗ୍ରାମ୍ୟ ଜଳ ଯୋଗାଣ ଯନ୍ତ୍ରୀ ପଦ୍ମନାଭ ଖଣ୍ଡାଇ ପଞ୍ଚାୟତରେ କାର୍ଯ୍ୟକାରୀ ହୋଇଥିବା ପାନୀୟ ଜଳ ପ୍ରକଳ୍ପଗୁଡ଼ିକର ମାପଚୁପ କରିଥିଲେ। ତଦନ୍ତ ବେଳେ ସନ୍ଧ୍ୟା ହୋଇଯିବାରୁ ପୁଣି ବକେୟା ରହିଥିବା ଯାଞ୍ଚଗୁଡ଼ିକ ପରେ କରାଯିବ ବୋଲି ଭିଜିଲାନ୍ସ ଅଧିକାରୀ ରାଜେନ୍ଦ୍ର ନାୟକ କହିଛନ୍ତି। ଏହି ତଦନ୍ତରେ ନରସିଂହ ମାଣ୍ଡାଙ୍ଗି, ପ୍ରଭାକର ପ୍ରଧାନ, ମଧୁପାଲାକି ସରପଞ୍ଚ ଯମୁନା ମଲ୍ଲିକ, ଗ୍ରାମବାସୀ ଉପସ୍ଥିତ ଥିଲେ।

## ବାଇକ୍ ଧକ୍କାରେ ଚାଷୀ ଗୁରୁତର

ବୁଗୁଡ଼ା,୧୭ା୧୨(ଡି.ଏନ.ଏ.)

ବରଡ଼ିପଲ୍ଲୀ କେନାଲ ନିକଟରେ ଶୁକ୍ରବାର ଜଣେ ଚାଷୀ ବିଲକୁ ଧାନ ଆଣିବାକୁ ଯାଉଥିବା ବେଳେ ପଛପଟୁ ଏକ ବାଇକ୍ ଧକ୍କାରେ ଗୁରୁତର ହୋଇଛନ୍ତି। ସେହେଲେ ଆଦିପୁର ଗ୍ରାମର ପୂର୍ଣ୍ଣ ଚନ୍ଦ୍ର ପ୍ରଧାନ (୫୦)। ପୂର୍ଣ୍ଣ କେନାଲ ନିକଟରେ ସାଇକଲ ରଖି ବିଲକୁ ଯାଉଥିବା ବେଳେ ବାଇକ ଯୋଗେ ମକରାପଲ୍ଲୀରୁ ବୁଗୁଡ଼ା ଆସୁଥିବା ମହେନ୍ଦ୍ର ବିଷୋୟୀ ତାଙ୍କୁ ପଛପଟୁ ଧକ୍କା ଦେଇଥିଲେ। ବାଇକ ପଛରେ ବସିଥିବା ଜମା ନାୟକ ମଧ୍ୟ ଆହତ ହୋଇଛନ୍ତି। ଆହତମାନଙ୍କୁ ଆମ୍ବୁଲାନ୍ସ ଯୋଗେ ବୁଗୁଡ଼ା ମେଡିକାଲକୁ ଭର୍ତ୍ତି କରାଯାଇଥିଲା। ସେଠାରୁ ତାଙ୍କୁ ବ୍ରହ୍ମପୁର ବଡ଼ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି।

## ବିଜେଡିରେ ଯୋଗଦେଲେ ଶତାଧିକ ଭାଜପା କର୍ମୀ

କାଶୀନଗର,୧୭ା୧୨(ଡି.ଏନ.ଏ.)

ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନର ଅବ୍ୟବହିତ ପୂର୍ବରୁ କାଶୀନଗର ବ୍ଲକର ଶତାଧିକ ଭାଜପା କର୍ମୀ ଶୁକ୍ରବାର ବିଜେଡିରେ ଯୋଗଦେଇଛନ୍ତି। କାଶୀନଗର ବ୍ଲକ ଗୋରିବନ୍ଧା ଖୁରିଗାଁ ବୁଟ ମିଲ୍ ପରିସରରେ ଆୟୋଜିତ ବିରାଟ କର୍ମୀ ସମ୍ମିଳନୀରେ ବ୍ରହ୍ମପୁର ଏମ୍‌ପି ଚନ୍ଦ୍ରଶେଖର ସାହୁ ଓ ଗଜପତି ଜିଲା ପର୍ଯ୍ୟବେକ୍ଷକ ବିଧାୟକ ଅତନୁ ସବ୍ୟସାଚୀ ନାୟକ, ଜିଲା ସଭାପତି ପ୍ରଦୀପ ନାୟକ, ଡ. ତିରୁପତି ପାଣିଗ୍ରାହୀ, ଜି.ତିରୁପତି ରାଓ ପ୍ରମୁଖଙ୍କ ଉପସ୍ଥିତିରେ ଭାଜପା କର୍ମୀ ବିଜେଡିରେ ଯୋଗ ଦେଇଛନ୍ତି। ସମ୍ମିଳନୀରେ ଅଧକ୍ଷା ଏମ୍.ସୁଧାରାଣୀ, ଏନ୍ଏସି ବିଜେଡି ସଭାପତି ରଘୁରାମ ସାହୁ, ରାଜ୍ୟ ପରିଷଦ ସଦସ୍ୟା ପଦ୍ମିନୀ ସାହୁ, କେ.ରାମାରାଓ ପ୍ରମୁଖ ଉପସ୍ଥିତ ଥିଲେ। ସମ୍ମିଳନୀରେ ପ୍ରାୟ ଏକ ହଜାର କର୍ମୀ ଯୋଗ ଦେଇଥିଲେ।

## ରାଜ୍ୟସ୍ତରୀୟ ଦେଶଜ ସଙ୍ଗୀତ ଉତ୍ସବ ପ୍ରସ୍ତୁତି

ଭଞ୍ଜନଗର,୧୭ା୧୨(ଡି.ଏନ.ଏ)

ଭଞ୍ଜନଗର ଟାଉନ ହଲରେ ଆସନ୍ତା ୨୮ ତାରିଖରୁ ୩୦ ପର୍ଯ୍ୟନ୍ତ ୩ଦିନ ଧରି ରାଜ୍ୟସ୍ତରୀୟ ଦେଶଜ ସଙ୍ଗୀତ ଉତ୍ସବ ଅନୁଷ୍ଠିତ ହେବ। ଏଥିରେ ପାରମ୍ପରିକ ଲୋକଗୀତ, ଲୋକବାଦ୍ୟ ଏବଂ ଲୋକସଙ୍ଗୀତ ପରିବେଷଣ ହେବ। ରାଜ୍ୟର ବିଭିନ୍ନ ପ୍ରାନ୍ତରୁ କଳାକାରମାନେ ଆସିବେ। ଦିନରେ ଦାସକାଠିଆ ଏବଂ ପାଲା ଓ ରାତିରେ ଲୋକସଙ୍ଗୀତ ପରିବେଷଣ ହେବ। ରାଜ୍ୟ ସଙ୍ଗୀତ ନାଟକ ଏକାଡ଼େମୀ ପକ୍ଷରୁ ଆୟୋଜିତ ହେବାକୁ ଥିବା ଉକ୍ତ ଉତ୍ସବରେ କେତେଜଣ ମନ୍ତ୍ରୀ ଓ ବିଶିଷ୍ଟ ବ୍ୟକ୍ତି ଅତିଥି ଭାବେ ଯୋଗଦେବା କାର୍ଯ୍ୟକ୍ରମ ରହିଛି। ରାଜ୍ୟରେ ଲୁପ୍ତାୟିତ ଅବସ୍ଥାରେ ଥିବା ଲୋକଗୀତ ଓ କଳାକୁ ଲୋକଲୋଚନକୁ ଆଣିବା ସହ ସେମାନଙ୍କୁ ଉତ୍ସାହିତ କରିବା ଏହି ଉତ୍ସବର ମୁଖ୍ୟ ଉଦ୍ଦେଶ୍ୟ। କାର୍ଯ୍ୟକ୍ରମକୁ ସଫଳ କରିବା ନେଇ ଶୁକ୍ରବାର ସ୍ଥାନୀୟ ବନ ବିଭାଗ ଡାକବଙ୍ଗଳା ପରିସରରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସଙ୍ଗୀତ ନାଟକ ଏକାଡ଼େମୀ ଉପସଭାପତି ମନ୍ମଥ ଶତପଥୀ ଯୋଗଦେଇ କାର୍ଯ୍ୟକ୍ରମ ସମ୍ପର୍କରେ ଆଲୋଚନା କରିଥିଲେ। ସାମାଜିକ କର୍ମୀ ଶୁଳପାଣି ଶତପଥୀ, ପଞ୍ଚାନନ ପାଳ, ନାଟ୍ୟ ନିର୍ଦ୍ଦେଶକ ଉପେନ୍ଦ୍ର ଶତପଥୀ, ବିଶ୍ୱ ଜନନୀ କଳା ପରିଷଦ ସମ୍ପାଦକ ଜଗଦୀଶ ପାଣିଗ୍ରାହୀ, ସାଇ ଗୁରୁକୂଳ ଆବାସିକ ବିଦ୍ୟାଳୟ ଅଧକ୍ଷ ଅଜିତ ଶତପଥୀ ଯୋଗଦେଇ ଥିଲେ।

## ପ୍ରଫେସର ତ୍ରିଲୋଚନ ପ୍ରଧାନଙ୍କ ସ୍ମୃତି ଚାରଣ ସଭା



ସଭାରେ ଉପସ୍ଥିତ ଅତିଥିମାନେ।

ଖଣ୍ଡପଡା,୧୭ା୧୨(ସ୍ୱ.ପ୍ର.)

ବିଶିଷ୍ଟ ବୈଜ୍ଞାନିକ, ଇନଷ୍ଟିଚ୍ୟୁଟ ଅଫ ଫିଜିକ୍ସର ପ୍ରଥମ ନିର୍ଦ୍ଦେଶକ ତଥା ଉତ୍କଳ ବିଶ୍ୱ ବିଦ୍ୟାଳୟର ପୂର୍ବତନ କୁଳପତି ପଦ୍ମଭୂଷଣ ପ୍ରଫେସର ତ୍ରିଲୋଚନ ପ୍ରଧାନଙ୍କ ପରଲୋକ ହୋଇଯାଇଛି। ଅବର୍ତମାନରେ ତାଙ୍କ ଜନ୍ମମାଟି ତଥା ଗ୍ରାମ ଘଣାଶାଳିଆରେ ଏକାଦଶାହ ତିଥିରେ ଅଞ୍ଚଳବାସୀଙ୍କ ପକ୍ଷରୁ ସ୍ମୃତି ଚାରଣ ସଭା ଇଂରାଜି ବିଦ୍ୟାଳୟ ପରିସରରେ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଗ୍ରାମବାସୀଙ୍କ ପକ୍ଷରୁ ସନ୍ଧ୍ୟାରେ ଏକ ମହମବତି ଶୋଭାଯାତ୍ରା ସହ ସଂକୀର୍ତ୍ତନ ମଣ୍ଡଳୀରେ ଗ୍ରାମ ପରିକ୍ରମା କରି ସ୍ମୃତି ଚାରଣ ସଭାକୁ ଆସିଥିଲେ। ଉକ୍ତ ସଭାରେ ଖବରଦାତା ସମୀର ପ୍ରଧାନ, ସାମାଜିକ କର୍ମୀ ଭିକାରୀ ରଣା, ବିଭୂତି ପ୍ରଧାନ, ବଂଶୀଧର ପ୍ରଧାନ, ସମିତି ସଭ୍ୟ ସଦାନନ୍ଦ ପ୍ରଧାନ ଓ ସୁଶାନ୍ତ ପ୍ରଧାନ ସହ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଯୋଗଦେଇଲେ। ଆମ ଗାଁ ମାଟିର ପୁଅ ଭାବେ ବିଜ୍ଞାନ ଜଗତ ପ୍ରତି ତାଙ୍କ ବହୁ ମୂଲ୍ୟ ଅବଦାନ ସର୍ବଦା ସ୍ମରଣୀୟ ହୋଇ ରହିବ ବୋଲି ଅତିଥିମାନେ ମତ ପ୍ରକାଶ କରିଥିଲେ।

## କନ୍ଧମାଳରେ ବୁଲିବ ସ୍ୱତନ୍ତ୍ର ଟିକାକରଣ ଭ୍ୟାନ

ଫୁଲବାଣୀ ଅଫିସ, ୧୭ା୧୨

କନ୍ଧମାଳ ଜିଲାରେ କରୋନାର ମୁକାବିଲା କରିବା ଲାଗି ଟିକା ସଚେତନତା ରଥ ଆରମ୍ଭ କରାଯାଇଛି। ଏହି ରଥ ଫୁଲବାଣୀ ସହରର ବିଭନ୍ନ ଅଞ୍ଚଳରେ ବୁଲି ସଚେତନ କରିବ। ସେହିପରି ସ୍ୱତନ୍ତ୍ର ଟିକାକରଣ ଭ୍ୟାନ ବୁଲି ଲୋକଙ୍କୁ ଟିକା ପ୍ରଦାନ କରିବ। ଜିଲାରେ ଶତ ପ୍ରତିଶ୍ରତ ଟିକାକରଣ ଏହାର ଲକ୍ଷ୍ୟ। ଜିଲାର ୧୨ ବ୍ଲକରେ ବର୍ତ୍ତମାନ ସୁଦ୍ଧା ୯୬% ପ୍ରଥମ ଡୋଜ ଟିକା ନେଇଥିବା ବେଳେ ଦ୍ୱିତୀୟ ଡୋଜ ୫୧ ପ୍ରତିଶତ ନେଇଛନ୍ତି। ଓମିକ୍ରନ ଭୁତାଣୁକୁ ମୁକାବିଲା କରିବାକୁ ହେଲେ ଦ୍ୱିତୀୟ ଡୋଜ ଟିକାକରଣକୁ ବଢାଇବାକୁ ପଡିବ ବୋଲି ଜିଲା ମୁଖ୍ୟ ଜନସ୍ୱାସ୍ଥ୍ୟ ଅଧିକାରୀ ଡା.ରାଜ୍ୟଶ୍ରୀ ପଟ୍ଟନାୟକ କହିଛନ୍ତି। ଜିଲାର ସମସ୍ତ ପିଏଚସି, ସିଏଚସିରେ ଅଧିକାରୀମାନଙ୍କ ସହ ଭିସି ଯୋଗେ ଏ ନେଇ ଆଲୋଚନା କରାଯାଇଛି । ପ୍ରଥମ ଡୋଜ ନେବାର ୮୪ ଦିନ ଅନ୍ତର ରହୁଥିବାରୁ ଅଧିକାଂଶ ଦ୍ୱିତୀୟ ଡୋଜ ଟିକା ନେବାକୁ ଭୁଲି ଯାଉଛନ୍ତି। ସେମାନଙ୍କୁ ତୁରନ୍ତ କିପରି ଟିକାକରଣ କରାଯିବ ସେ ନେଇ ଜିଲା ପ୍ରଶାସନ ତରଫରୁ ଗୁରୁତ୍ୱ ଦିଆଯାଇଛି । ଜିଲା ପ୍ରଶାସନ ତରଫରୁ ଦୁଇଟି ସଚେତନତା ରଥ ମାଧ୍ୟମରେ ଗାଁଗହଳିରେ ବି ସଚେତନ କରି ଟିକା ଦାନ ପ୍ରକ୍ରିୟା ଚାଲୁ ରଖିବେ ବୋଲି ଜିଲା ମୁଖ୍ୟ ଜନସ୍ୱାସ୍ଥ୍ୟ ଅଧିକାରୀ ପଟ୍ଟନାୟକ ସୂଚନା ଦେଇଛନ୍ତି।



ସଚେତନତା ରଥ।

## ଫସଲ ନଷ୍ଟ ଲାଗି ସହାୟତା ଦାବି

ଶେରଗଡ,୧୭ା୧୨(ଡି.ଏନ୍.ଏ.)

ଶେରଗଡ଼ ବ୍ଲକ ଅନ୍ତର୍ଗତ ଖଇରବେଠି ଗତ ଲଗାଣ ବର୍ଷା ଓ ଜୱାଡ଼ ବାତ୍ୟାରେ ବ୍ୟାପକ ଧାନ ଫସଲ ନଷ୍ଟ ହୋଇଛି। ଗ୍ରାମର ଉପର ପାହାଡ଼ ତଳ ପାହାଡ଼ ଅଞ୍ଚଳରେ ୬୦ ହେକ୍ଟର ଜମିର ଧାନ ଫସଲ ପାଣିରେ ବୁଡ଼ି ରହିଥିଲା। ଫଳରେ ୩୦ ଚାଷୀଙ୍କ ୬୦ ହେକ୍ଟର ଜମିରେ ଥିବା ଫସଲ ସମ୍ପୂର୍ଣ ନଷ୍ଟ ହୋଇଯାଇଛି। ତେଣୁ ଶୀଘ୍ର ତହସିଲଦାର ଏ ଦିଗରେ ଦୃଷ୍ଟି ଦେବା ସହ ଆର୍ଥିକ ସହାୟତା ପ୍ରଦାନ ପାଇଁ ଚାଷୀମାନେ ଦାବି କରିଛନ୍ତି।

## ରାଜ୍ୟସ୍ତରୀୟ କବାଡ଼ି ପ୍ରତିଯୋଗିତା ଉଦ୍‌ଘାଟିତ

ଆସିକା,୧୭ା୧୨(ଡି.ଏନ.ଏ.)

ଆସିକାସ୍ଥିତ ହରିହର ହାଇସ୍କୁଲ ମିନି ଷ୍ଟାଡିୟମରେ ଶୁକ୍ରବାରଠାରୁ ୪୯ତମ ରାଜ୍ୟସ୍ତରୀୟ କନିଷ୍ଠ ବାଳକ ଓ ବାଳିକା ବର୍ଗର କବାଡି ପ୍ରତିଯୋଗିତା ଆରମ୍ଭ ହୋଇଛି । ଗଞ୍ଜାମ କବାଡି ଆସୋସିଏଶନ ସଭାପତି ତଥା ଆସିକା ବିଧାୟିକା ମଞ୍ଜୁଳା ସ୍ୱାଇଁଙ୍କ ଆବାହକତ୍ୱରେ ଅନୁଷ୍ଠିତ ଏହି ପ୍ରତିଯୋଗିତାକୁ ଜିଲା ଯୋଜନା ବୋର୍ଡ ଅଧ୍ୟକ୍ଷ ତଥା ପୋଲସରା ବିଧାୟକ ଶ୍ରୀକାନ୍ତ ସାହୁ ମୁଖ୍ୟ ଅତିଥି ରୂପେ ଯୋଗଦେଇ ଉଦଘାଟନ କରିଥିଲେ । ସମ୍ମାନିତ ଅତିଥି ଭାବେ ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ, କବାଡି ଆସୋସିଏଶନର ରାଜ୍ୟ ସମ୍ପାଦକ ଅଜୟ ବେହେରା, ଗଞ୍ଜାମ କବାଡି ଆସୋସିଏଶନ ସମ୍ପାଦକ ତଥା ଯୁବନେତା ନଚିକେତା ସ୍ୱାଇଁ ଯୋଗଦେଇଥିଲେ। ପ୍ରତିଯୋଗିତାର ପ୍ରଥମ ଦିନ ହୋଇଥିବା ୩ଟି ମ୍ୟାଚ ମଧ୍ୟରୁ ୨ଟିରେ ଗଞ୍ଜାମ ବାଳିକା ଓ ବାଳକ ଦଳ ବିଜୟୀ ହୋଇଛନ୍ତି। ବାଳିକା ବର୍ଗରେ ଗଞ୍ଜାମ ଓ ବାଲେଶ୍ୱର ମଧ୍ୟରେ ହୋଇଥିବା ମ୍ୟାଚରେ ଗଞ୍ଜାମ ବିଜୟୀ ହୋଇଛି। ସେହିପରି ବାଳକ ବର୍ଗରେ ୨ଟି ମ୍ୟାଚ ହୋଇଥଲା। ଅନୁଗୁଳ ଓ କେନ୍ଦ୍ରାପଡା ଜିଲା ମଧ୍ୟରେ ହୋଇଥିବା ମ୍ୟାଚରେ ଅନୁଗୁଳ ଦଳ ଏବଂ କେନ୍ଦୁଝର ଓ ଗଞ୍ଜାମ ମଧ୍ୟରେ ହୋଇଥିବା ମ୍ୟାଚରେ ଗଞ୍ଜାମ ଦଳ ବିଜୟୀ ହୋଇଛି। ୩ଦିନିଆ ଏହି ପ୍ରତିଯୋଗିତା ରବିବାର ସନ୍ଧ୍ୟାରେ ଉଦଯାପିତ ହେବ । ରାଜ୍ୟ ସମ୍ପାଦକ ବେହେରାଙ୍କ ନେତୃତ୍ୱରେ ଦିଲୀପ ପାଣିଗ୍ରାହୀ, ତାରିଣୀ ସେନାପତି ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

# ଲଘୁଖଣିଜ ଚୋରାଚାଲାଣ ଉପରେ ଚଢ଼ାଉ ନିର୍ଦ୍ଦେଶ

- ଜିଲା ରାଜସ୍ୱ ସମୀକ୍ଷା ବୈଠକ
- ଶିକ୍ଷାନୁଷ୍ଠାନକୁ ନିଜସ୍ୱ ଜମି ପଟ୍ଟା ଦିଅ

ଛତ୍ରପୁର,୧୭ା୧୨(ଡି.ଏନ.ଏ.)

ଗଞ୍ଜାମ ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ଜିଲା ରାଜସ୍ୱ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ ଅଧକ୍ଷତା କରିଥିଲେ। ଜିଲାରେ ନକଲି ଓ ବେଆଇନ ମଦ କାରବାର୨ ଉପରେ ତୀକ୍ଷଣ ନଜର ରଖିବା ଓ ବେଆଇନ ମଦ କାରବାରକୁ ଆଦୌ ପ୍ରଶୟ ନ ଦେବାକୁ ଜିଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ସରକାରୀ ସଂସ୍ଥାଗୁଡିକୁ ଜାଗା ଚିହ୍ନଟ ପ୍ରକ୍ରିୟାକୁ ତୁରନ୍ତ ଶେଷ କରିବାକୁ କୁହାଯାଇଛି । ସରକାରୀ ଅନୁଦାନ ପ୍ରାପ୍ତ ମହାବିଦ୍ୟାଳୟ ଓ ବିଦ୍ୟାଳୟଗୁଡିକୁ ନିଜସ୍ୱ ନାମରେ ଜମି ପଟ୍ଟା ପ୍ରଦାନ କରିବା କାର୍ଯ୍ୟ ତ୍ୱରାନ୍ୱିତ କରିବାକୁ ଜିଲାପାଳ କହିଛନ୍ତି। କରୋନାରେ ମୃତକଙ୍କ ପରିବାରକୁ ୫୦ ହଜାର ଟଙ୍କା ଅନୁକମ୍ପା ରାଶି ଠିକ ସମୟରେ ପ୍ରଦାନ ପାଇଁ ପଦକ୍ଷେପ ନିଆଯିବ। ବାଲ୍ୟ ବିବାହମୁକ୍ତ ଗଞ୍ଜାମ ପାଇଁ ତୃଣମୂଳସ୍ତରରେ ପଦକ୍ଷେପ ନେବା, ସଡ଼କ ଦୁର୍ଘଟଣା ରୋକିବା ଲାଗି ପଦକ୍ଷେପ ନେବା ସହ ଡ୍ରାଇଭିଂ ଲାଇସେନ୍ସ ନବୀକରଣ ଏବଂ ନୂତନ ଲାଇସେନ୍ସ ପ୍ରଦାନ କାର୍ଯ୍ୟକୁ ତ୍ୱରାନ୍ୱିତ କରିବାକୁ କୁହାଯାଇଛି। ବକେୟା ବେବନ୍ଦୋବସ୍ତ ମାମଲାକୁ ବନ୍ଦୋବସ୍ତ କରିବା ପାଇଁ ତ୍ୱରିତ ପ୍ରକ୍ରିୟା କରିବା ଏବଂ ଜିଲାକୁ ଲକ୍ଷ୍ୟ ଧାର୍ଯ୍ୟ ଥିବା ୮୧ କୋଟି ଟଙ୍କା ରାଜସ୍ୱ ଆଦାୟ ଦିଗରେ ସମୀକ୍ଷା କରି ଗୁରୁତ୍ୱ ଦେବାକୁ କହିଛନ୍ତି । ସରକାରଙ୍କ ନୂଆ ନିୟମ ଅନୁସାରେ ବର୍ଦ୍ଧିତ ଅବଧିକୁ ନେଇ ଗ୍ରାମକଣ୍ଟକ ପଟ୍ଟା ପରିବର୍ତ୍ତନ ପାଇଁ ବିଭିନ୍ନ ତହସିଲ ଅଧୀନରେ ଥିବା ହିତାଧିକାରୀଙ୍କଠୁ ଆବେଦନ ଗ୍ରହଣ କରାଯାଉଛି । ଏବେ ସୁଦ୍ଧା ଜିଲାର ୫୦ ହଜାରରୁ ଅଧିକ ହିତାଧିକାରୀଙ୍କ ଦରଖାସ୍ତ ଗ୍ରହଣ କରାଯାଇଛି। ଆଗକୁ ମଧ୍ୟ ଦରଖାସ୍ତ ଗ୍ରହଣ କରି ସବୁ ହିତାଧିକାରୀଙ୍କୁ ତୁରନ୍ତ ପଟ୍ଟା ଯୋଗାଇବାକୁ ଲକ୍ଷ୍ୟ ରଖାଯାଇଛି। ସେହିପରି ତହସିଲସ୍ତରରେ ଥିବା ସମସ୍ତ ଲଘୁ ଖଣିଜ ଦ୍ରବ୍ୟ ସଇରାତ ଉପରେ ତୀକ୍ଷଣ ନଜର ରଖିବା ପାଇଁ ଜିଲାପାଳ ନିର୍ଦ୍ଦେଶ ଦେଇଛନ୍ତି । ଜିଲାରେ ବାକି ଥିବା ୨୦୦ରୁ ଅଧିକ ସଇରାତ ତୁରନ୍ତ କାର୍ଯ୍ୟକ୍ଷମ କରିବା ଲାଗି ପଦକ୍ଷେପ ନେବାକୁ ଜିଲାପାଳ କହିଛନ୍ତି। ସବୁ ସମୟରେ ଖଣିଜ ଦ୍ରବ୍ୟ ଚୋରାଚାଲାଣ ଉପରେ ଚଢାଉ ଜାରି ରଖିବା ପାଇଁ ଜିଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ବୈଠକରେ ବ୍ରହ୍ମପୁର ଉପଜିଲାପାଳ ଭି.କୀର୍ତ୍ତିଭାଷନ, ଅତିରିକ୍ତ ଜିଲାପାଳ (ରାଜସ୍ୱ) ପ୍ରିୟରଞ୍ଜନ ପୃଷ୍ଟି, ଛତ୍ରପୁର ଉପଜିଲାପାଳ ନୀଳମାଧବ ଭୋଇ, ଭଞ୍ଜନଗର ଉପଜିଲାପାଳ ରାଜେନ୍ଦ୍ର କୁମାର ମିଞ୍ଜ, ଡେପୁଟି କଲେକ୍ଟର (ରାଜସ୍ୱ)ରାଜକିଶୋର ଜେନା, ଜିଲା ରାଜସ୍ୱ ବିଭାଗର ଅଖିଳ କୁମାର ସାବତ, ଅବକାରୀ, ପରିବହନ, ମାପଓଜନ ବିଭାଗର ଅଧିକାରୀଙ୍କ ସହ ତହସିଲଦାରମାନେ ଉପସ୍ଥିତ ଥିଲେ।



ବୈଠକରେ ଉପସ୍ଥିତ ଜିଲାପାଳ ଓ ଅନ୍ୟମାନେ।

